ବର୍ଷ-୨୫, ସଂଖ୍ୟା-୨୪୦
ଭୁବନେଶ୍ୱର
୦୭, ସେପ୍ଟେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 240
Bhubaneswar
07, September, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆପାର୍ଟମେଣ୍ଟ ବିକିଲେ ହେମାମାଳିନୀ

## ଜିଏସଟି ସଂସ୍କାର ଯୋଗୁ ଦେଶବାସୀଙ୍କୁ ବଡ ଆଶ୍ୱସ୍ତି : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୬।୯(ମହାଭାରତ): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ବସ୍ତୁ ଓ ସେବା କର (ଜିଏସଟି) ସୁଧାର ୧୪୦ କୋଟି ଦେଶବାସୀ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଶନିବାର ଦିନ ଭାରତୀୟ ଜନତା ପାର୍ଟି (ବିଜେପି) ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ବୈଷ୍ଣବ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମଧ୍ୟମ ବର୍ଗ ପ୍ରତି ଗଭୀର ନିଷ୍ଠା ଅଛି, ଯାହା ସମୟ-ସମୟରେ ସମସ୍ତେ ଦେଖିପାରୁଛନ୍ତି। ସେ କରରେ ବଡ ସୁଧାର କରି, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ମଧ୍ୟମ ବର୍ଗୀୟ ପରିବାରକୁ ଛାଡ଼ ଦେଇଥିଲେ, ଏବଂ ବର୍ତ୍ତମାନ ଜିଏସଟିରେ ବଡ଼ ପରିବର୍ତ୍ତନ କରି ସେମାନଙ୍କୁ ବଡ଼ ଆଶ୍ୱସ୍ତି ଓ ଉପହାର ଦେଇଛନ୍ତି।'

ସେ କହିଛନ୍ତି ଯେ, 'ଜିଏସଟିରେ ଯେପରି ଧରଣର ସୁଧାର ହୋଇଛି, ସେଥିରୁ ୧୪୦ କୋଟି ଦେଶବାସୀ ଉପକୃତ ହେଉଛନ୍ତି।' କଂଗ୍ରେସକୁ ଟାର୍ଗେଟ କରି ବୈଷ୍ଣବ କହିଛନ୍ତି ଯେ, '୨୦୧୪ ପୂର୍ବରୁ କରର ବୁଢିଆଣୀ ଜାଲ ବ୍ୟାପିଥିଲା ଯେଉଁ କାରଣରୁ ପ୍ରତ୍ୟେକ ବସ୍ତୁ ଉପରେ ଅନେକ ପ୍ରକାରର କର ଲଗାଇ ସାଧାରଣ ପରିବାର, ସାଧାରଣ ଜନତା ଓ ମଧ୍ୟମ ବର୍ଗୀୟ ପରିବାର ଉପରେ ବଡ ବୋଝ ପକାଯାଉଥିଲା ।

## ମହାନଦୀରେ ଛୋଟ ଧରଣର ବନ୍ୟା ଆଶଙ୍କା

ଭୁବନେଶ୍ୱର,୬।୯(ମହାଭାରତ): ମହାନଦୀରେ ଛୋଟ ଧରଣର ବନ୍ୟା। ମହାନଦୀ ଉପରମୁଣ୍ଡରେ ବର୍ଷା ହେବା ଯୋଗୁଁ ଅଧିକ ଜଳ ପଶିଛି। ୨୪ଟି ଗେଟରେ ଜଳ ନିଷ୍କାସନ ହେଉଥିଲା। ଏବେ ହୀରାକୁଦରେ ଜଳସ୍ତର ୬୨୬.୩୫ ଫୁଟ ରହିଛି। ଏବେ ୩.୮୫ ଲକ୍ଷ କ୍ୟୁସେକ ଜଳ ପଶୁଥିବାବେଳେ ୪.୨୪ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳ କମୁଥିବାରୁ ଆଉ ଚାରି ଗେଟ ବନ୍ଦ ହେଲା। ଆଜି ଏଭଳି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ଆସନ୍ତାକାଲି ସନ୍ଧ୍ୟା ୬ ଟାରେ ୫.୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ମୁଣ୍ଡଳୀକୁ ଆସିବ। ଛୋଟ ଧରଣର ବନ୍ୟା ମୁଣ୍ଡଳୀକୁ ଆସିବ। ପରବର୍ତ୍ତୀ ସମୟରେ ଏହା କମିବ, ହେଲେ ବଢ଼ିବ ନାହିଁ। ତେଣୁ ବିପଦ ଆସିବ ନାହିଁ। ତେଲ ନଦୀରେ ବି ବର୍ଷା ନାହିଁ। ରେଙ୍ଗାଲିର ଦୁଇଟି ଗେଟ ଦେଇ ବ୍ରାହ୍ମଣୀ ଜଳ ନିଷ୍କାସନ ହେଉଛି। ଜଳ ପ୍ରବେଶ କମୁଥିବାରୁ ରେଙ୍ଗାଲିର ଗୋଟେ ଗେଟ ବନ୍ଦ ହେବ। କୌଣସି ନଦୀରେ ବନ୍ୟା ନାହିଁ। କେବଳ ଜଳକା ବିପଦ ସଂକେତ ଉପରେ ଅଛି। ଆଉ ଘଣ୍ଟେରେ ଏହା ବିପଦମୁକ୍ତ ହୋଇଯିବ।

## ଛିଡିଗଲା ରୋପୱେ, ୬ ମୃତ

ଅହମ୍ମଦାବାଦ,୬।୯(ମହାଭାରତ) ଗୁଜରାଟର ପାବାଗଡ ଠାରେ ପ୍ରସିଦ୍ଧ ଶକ୍ତିପୀଠରେ ବଡ ଅଘଟଣ ଘଟିଛି। ଖରାପ ପାଗ ମଧ୍ୟରେ ଗୋଟିଏ ମାନବାହୀ ରୋପୱେ ଛିଡି ପଡିଛି। ଏଥିଯୋଗୁ ୬ ଜଣ ପ୍ରାଣ ହରାଇଛନ୍ତି। ପ୍ରାଥମିକ ଯାଞ୍ଚରୁ ଜଣାପଡିଛି ଯେ କେବୁଲ କାରରେ ମାଲବୁହା ହେଉଥିବା ବେଳେ ତାର ଛିଡି ଯାଇଥିଲା। ଏଥିଯୋଗୁ ଏତେ ବଡ ବଡ ଘଟଣା ଘଟିଛି। ପଞ୍ଚମହଲ ଜିଲ୍ଲାପାଳ ୬ ଜଣଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟମ୍ୟାନ, ୨ ଜଣ ଶ୍ରମିକ ଓ ଅନ୍ୟ ୨ ଜଣ ଲୋକ ରହିଛନ୍ତି। ଦୁର୍ଘଟଣା ଦିନ ପ୍ରାୟ ୩.୩୦ରେ ଘଟିଥିଲା। ଖବର ପାଇ ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଶକ୍ତିପୀଠର ମନ୍ଦିର ପ୍ରାୟ ୮୦୦ ମିଟର ଉଚ୍ଚରେ ରହିଛି। ଶ୍ରଦ୍ଧାଳୁମାନେ ସେଠାକୁ ଯିବା ପାଇଁ ୨ ହଜାର ପାହାଚ ଚାଲିଚାଲି ଯାଆନ୍ତି କିମ୍ବା କେବୁଲ କାରର ବ୍ୟବହାର କରନ୍ତି। କିନ୍ତୁ ଆଜି ଖରାପ ପାଗ ଯୋଗୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ସକାଳୁ ରୋପୱେ ବନ୍ଦ ରହିଥିଲା। କେବଳ ମାଲବୁହା ଚାଲିଥିଲା। ଏତିକିବେଳେ ଏପରି ଘଟଣା ଘଟିଛି।

# ଅଦିନିଆ ରଥଯାତ୍ରା ନେଇ ବର୍ଷିଲେ ଗଜପତି

**ପୁରୀ,୬।୯(ମହାଭାରତ):** ଭଗବାନ କୃଷ୍ଣଙ୍କ ପ୍ରଚାର କରିବା ଭଲ। କିନ୍ତୁ ଅଦିନରେ କଲେ ମଙ୍ଗଳ ନୁହେଁ ପଶ୍ଚିମବଙ୍ଗର ମାୟାପୁରୀରେ ଥିବା ଇସ୍କନ କାର୍ଯ୍ୟାଳୟକୁ ୧୦୦ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ଇସ୍କନ କର୍ତ୍ତୃପକ୍ଷଙ୍କୁ ପଠାଯାଇଛି। ଇସ୍କନ କ'ଣ ଉତ୍ତର ଦେଉଛି ଦେଖିବାକୁ ଅପେକ୍ଷା କରାଯାଇଛି। ଗଜପତି ମହାରାଜ ଦିବ୍ୟସିଂହ ଦେବ ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ଏହାକୁ ସମ୍ମାନ ଦେଇ ଇସ୍କନ ଯଦି ପୁରୀ ଶ୍ରୀଜଗନ୍ନାଥଙ୍କ ରୀତି ଓ ତିଥି ଅନୁଯାୟୀ ତା'ର ରଥଯାତ୍ରା ନ କରେ ତେବେ ଆଇନଗତ ଭାବରେ ଏହା ବିରୋଧରେ ଲଢ଼େଇ କରାଯିବ ବୋଲି ପୁରୀ ଗଜପତି ସୂଚନା ଦେଇଛନ୍ତି।

ଗଜପତି ମହାରାଜ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଯଦି ପଡ଼ିବେ ୫୦ ବର୍ଷ ଧରି ଇସ୍କନ ଭୁଲ୍ କାମ କରି ଆସୁଛି। ବିଦେଶରେ ଯେତେବେଳେ ରଥଯାତ୍ରା ଆରମ୍ଭ ହୋଇଥିଲା, ପୁରୀ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭ୍ରାଟ ଦେଖାଯାଇଥିଲା। ଅଳ୍ପ କିଛି ସ୍ଥାନରେ ପୁରୀ ସହିତ ସ୍ନାନଯାତ୍ରା ଓ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ଅନେକ ସ୍ଥାନରେ ରଥଯାତ୍ରା ତିଥି ବାହାରେ ଆୟୋଜନ ହେଉଛି।

୨୦୨୧ ଜୁଲାଇ ୨୧ରେ ଇସ୍କନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ଯେ, ଭାରତ



ଭିତରେ ପୁରୀ ପରମ୍ପରା ସହିତ ରଥଯାତ୍ରାର ଆୟୋଜନ କରାଯିବ। କିନ୍ତୁ ଚଳିତ ବର୍ଷ ବିଦେଶରେ ୬୮ଟି ସ୍ଥାନରେ ଅଦିନିଆ ରଥଯାତ୍ରା ପାଳନ କରାଯାଇଛି। ଭାରତ ଭିତରେ ମଧ୍ୟ ଅସମୟରେ ଚଳିତ ବର୍ଷ ରଥଯାତ୍ରା ପାଳନ କରାଯାଇଛି। ଇସ୍କନ ସହିତ ଯୋଗାଯୋଗ କରିବାରୁ ଜାଣିବାକୁ ପାଇଲୁ ଯେ, ସ୍ନାନଯାତ୍ରାରେ ମଧ୍ୟ ଏଭଳି ବିଭ୍ରାଟ ଦେଖାଯାଉଛି। ଜୁଲାଇ ପର୍ଯ୍ୟନ୍ତ ଦେଶରେ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜନ କରାଯାଇଛି।ଅନେକ ଚିଠି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ବାହାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି।ମହାପ୍ରଭୁଙ୍କ ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ଓ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆୟୋଜନ କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି। ଇସ୍କନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗଜପତି ମହାରାଜ ପରାମର୍ଶ ଦେଇଛନ୍ତି। ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ଶାସ୍ତ୍ର ତଥା ପରମ୍ପରା ବିରୋଧୀ ବୋଲି ପରମପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଘୋର ନିନ୍ଦା କରିଛନ୍ତି। ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରଭୁଙ୍କ ଯାତ୍ରା ସମସ୍ତ ଇସ୍କନ, ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଏକ ମାସ ମଧ୍ୟରେ ଇସ୍କନର ଗଭର୍ଣ୍ଣିଂ ବଡି କମିଶନ (ମାୟାପୁର)ଙ୍କୁ ପୁଣିଥରେ କୁହାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ, ଇସ୍କନ ପକ୍ଷରୁ ବିଦେଶରେ ଆୟୋଜିତ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହିତ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନ ଯାତ୍ରା ଗୋଟିଏ ଦିନରେ ହେବା ଉଚିତ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା। ଇସ୍କନ ପକ୍ଷରୁ ମିଳିଥିବା ଦସ୍ତାବିଜ୍ ଅନୁଧ୍ୟାନ ପରେ ଏହା ଜଣାଯାଇଛି କିନ୍ତୁ ଇସ୍କନର ଏହି ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ। ଶ୍ରୀ ପାଢ଼ୀ କହିଛନ୍ତି, ଆମେରିକାର ଏକ ସହରରେ ଚଳିତ ବର୍ଷ ମାର୍ଚ୍ଚ ୩ରେ ରଥଯାତ୍ରାର ଆୟୋଜନ ହୋଇଥିଲା। ସେହିପରି ପେନସିଲଭେନିଆରେ ସେପ୍ଟେମ୍ବର ୨୭ରେ ରଥଯାତ୍ରା ପାଳନ ପାଇଁ ଯୋଜନା କରୁଛନ୍ତି।

# ୨୭ରେ ସ୍ୱତନ୍ତ୍ର ଓଟିଇଟି

## ୨ଟି ସିଟିଂରେ ହେବ ପରୀକ୍ଷା

କଟକ,୬।୯(ମହାଭାରତ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ବୋର୍ଡ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ୪ଟା ଯାଏ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଆସନ୍ତା ୧୭ ତାରିଖରୁ ବୋର୍ଡ ୱେବସାଇଟ www.bseodisha.ac.in.ରେ ଉପଲବ୍ଧ ହେବ ତେବେ ପରୀକ୍ଷା କେନ୍ଦ୍ରଗୁଡିକ ଅପରିବର୍ତ୍ତିତ ରହିଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ ତାରିଖରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବାର ଥିଲା ପେପର-୧ ଓ ପେପର-୨ ପାଇଁ ୭୫ ହଜାର ଶିକ୍ଷକ ପରୀକ୍ଷା ଦେଇଥାନ୍ତେ ପରୀକ୍ଷା ଦେବା ପାଇଁ ପ୍ରାର୍ଥୀମାନେ ସେମାନଙ୍କର ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସାରିଥିଲେ। ହଠାତ ସକାଳୁ ସକାଳୁ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ଫଳରେ ପରୀକ୍ଷାର୍ଥୀମାନେ ନିରାଶ ହୋଇଥିଲେ। ଏହି ଦୁଇଟି ପେପରର ହାତଲେଖା ପ୍ରଶ୍ନ ଓ ତାହାର ଉତ୍ତର ସୋସିଆଲ ମିଡିଆରେ ଘୁରି ବୁଲିଥିବା ଅଭିଯୋଗ ହୋଇଥିଲା ।ଏହା ପରେ ବୋର୍ଡ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କଥା କୁହାଯାଉଥିଲା। ଗତମାସ ୧ ତାରିଖ ଦିନ ବୋର୍ଡ ପକ୍ଷରୁ କୁହାଯାଇଥିଲା ଯେ, ଅଗଷ୍ଟ ୩୧ ତାରିଖ ଦିନ ସ୍ପେଶାଲ ଓଟିଇଟି ପରୀକ୍ଷା ଦୁଇଟି ସିଟିଂରେ କରାଯିବ ପ୍ରଥମ ସିଟିଂ ସକାଳ ୯ଟାରୁ ସାଢେ ୧୧ଟା ଯାଏ ପେପର୍-୧ ପରୀକ୍ଷା ହେବ ଏପରିକି ପୂର୍ବାହ୍ନ ୨ଟାରୁ ସାଢେ ୪ଟା ଯାଏ ପେପର୍-୨ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା କିନ୍ତୁ ଅଗଷ୍ଟ ୩୧ ତାରିଖରେ ହେବାକୁ ଥିବା ଏହି ପରୀକ୍ଷା ପୁଣି ଥରେ ସ୍ଥଗିତ ରଖାଯାଇଥିଲା

# ଆଜି ଚନ୍ଦ୍ରଗ୍ରହଣ

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି



ପୁରୀ,୬।୯(ମହାଭାରତ): ଆସନ୍ତାକାଲି ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ପାଳନ ହେବ ।ଦିନ ୧୨ଟା ୫୭ରେ ପାକ ତ୍ୟାଗ, ଦେବ ନୀତି ନିଷେଧ । ରାତି ୨ଟାରେ ଦ୍ୱାରଫିଟା ନୀତି ପରେ ଅନ୍ୟାନ୍ୟ ନୀତିକାନ୍ତି ହେବ ।ରବିବାର ଚନ୍ଦ୍ର ଗ୍ରହଣ ଥିବାରୁ ଏହା ପୂର୍ବ ଦିନ ଅର୍ଥାତ୍ ଆଜି ଶନିବାର ରାତ୍ର ୨ଟାରେ ଶ୍ରୀମନ୍ଦିରରେ ଦ୍ୱାର ଫିଟା ନୀତି, ୨ ଟା ୩୦ରେ ଭିତରଶୋଧ, ୨ ଟା ୪୦ରେ ମଙ୍ଗଳ ଆଳତି ସହିତ ଅନ୍ୟାନ୍ୟ ନୀତି କାନ୍ତି ବଢ଼ିବ। ସକାଳ ୫ ଟା ରୁ ୬ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ) ନୀତି ଅନୁଷ୍ଠିତ ହେବ। ଦିନ ୧୨ ଟା ୩୦ରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଅନୁଷ୍ଠିତ ହେବ। ଏହାପରେ ମଇଲମ,ତଡପଲାଗି ହୋଇ ଭିତର କାଠ ଦର୍ଶନ ହେବ ।ଭକ୍ତ ମାନେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିବେ। ତେବେ ଗ୍ରହଣ ସ୍ପର୍ଶ ରାତ୍ର ୯ଟା ୫୭ ମିନିଟ ୨୨ ସେକେଣ୍ଡ ପରେ ମହାପ୍ରଭୁଙ୍କ ଗ୍ରହଣ ମହାସ୍ନାନ ଗ୍ରହଣଭୋଗ ଆଦି ନୀତି ସରିବା ପରେ ଅନ୍ୟାନ୍ୟ ନୀତି ମାନ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିରର ବିଧି ଅନୁଯାୟୀ ଯେଉଁ ପର୍ଯ୍ୟନ୍ତ ପାକ ତ୍ୟାଗର ସମୟ ନିର୍ଦ୍ଧାରିତ ହୋଇଥିବ ସେହି ସମୟ ପର୍ଯ୍ୟନ୍ତ ମହାପ୍ରଭୁ ସକାଳୁ ହେଉଥିବା ଦୈନିକ ନୀତି ଅନୁଷ୍ଠିତ ହୋଇଥାଏ ।ପାକ ତ୍ୟାଗ ପରେ ମହାପ୍ରଭୁଙ୍କ କୌଣସି ନୀତି ଅନୁଷ୍ଠିତ ହୋଇ ନଥାଏ ।କେବଳ ସାଧାରଣ ଦର୍ଶନ ଜାରି ରହେ ।ପରେ ଯେତେବେଳେ ଗ୍ରହଣ ଆରମ୍ଭ ହେବ ସେତେବେଳେ ମହାପ୍ରଭୁଙ୍କ ଏକ ଗ୍ରହଣ ସ୍ନାନ ନୀତି ହୋଇଥାଏ । ଏହା ପରେ ପୂଜାପଣ୍ଡା ସେବକ ମାନେ ଆଗାମୀ ନୀତି କରିଥାନ୍ତି ।ଅନ୍ୟ ଦେବାଳୟ ଗୁଡିକରେ ଗ୍ରହଣ ପାଇଁ ଦେବନୀତି ବନ୍ଦ ରହୁଥିବା ବେଳେ ଶ୍ରୀମନ୍ଦିରରେ କିନ୍ତୁ ଗ୍ରହଣ ଆରମ୍ଭ ହେଲେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ଆରମ୍ଭ ହୋଇଥାଏ ।ଏହା ହେଉଛି ଶ୍ରୀମନ୍ଦିରର ଭିନ୍ନ ପରମ୍ପରା ଓ ବିଧି ।କିନ୍ତୁ ପାକ ତ୍ୟାଗ ଠାରୁ ଗ୍ରହଣ ଆରମ୍ଭ ହେବା ଯାଏ ଶ୍ରୀମନ୍ଦିରରେ କୌଣସି ନୀତି ଅନୁଷ୍ଠିତ ହୁଏ ନାହିଁ ।ଏହି ସମୟରେ କେବଳ ଭକ୍ତ ମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି ।

# ସମ୍ବଲପୁର ହେଉଛି ବୀରତ୍ୱର ମାଟି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୯(ମହାଭାରତ): ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଅବସରରେ ସମ୍ବଲପୁରରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭେଟଘାଟକୁ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଆମ ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ ବୋଲି କହିଥିଲେ ।ସମ୍ବଲପୁର ହେଉଛି ବୀରତ୍ୱର ମାଟି। ଏଣୁ ସମ୍ବଲପୁର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠ ଗୁଡିକର ଉନ୍ନତିକରଣର ନିମନ୍ତେ ରାଜ୍ୟ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଧାନ କେବଳ ଖାଦ୍ୟଶସ୍ୟ ନୁହେଁ, ଏହା ଚାଷୀ ଭାଇ ଓ ଭଉଣୀଙ୍କ ଝାଳବୁହା ପରିଶ୍ରମର ଫଳ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ଏହି ପର୍ବରେ ସେମାନଙ୍କର ସମ୍ମାନ ସବୁଠାରୁ ଅଧିକ। ସମ୍ବଲପୁର ପଶ୍ଚିମ ଓଡିଶାର ଏକ ବିଶେଷ ସ୍ଥାନ, ଯାହା କଳା, ସଂସ୍କୃତିର ବିଶେଷ ବାର୍ତ୍ତା ବହନ କରେ। କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡିଶାର ପ୍ରତ୍ୟେକ ଜିଲ୍ଲା ଓଡିଶା ପାଇଁ ସ୍ୱତନ୍ତ୍ରତା ବହନ



କରନ୍ତି ।

ନୂଆଁଖାଇ ହେଉଛି ଚାଷ ଭିତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ । ରାଜ୍ୟର କୃଷକ ପରିବାରଙ୍କ ଆୟ କେବଳ ଦୁଇ ଗୁଣ ନୁହେଁ, ବହୁ ଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ। ଆମ ସରକାର ହେଉଛି ଲୋକଙ୍କ ସରକାର, ଆପଣଙ୍କ ସରକାର। କେବଳ କାଗଜପତ୍ର କି ପ୍ରଚାର ପାଇଁ ନୁହେଁ। ଗତ ଏପ୍ରିଲ ୨୧ ତାରିଖ ଦିନ ମୁଁ ପୁରା କ୍ୟାବିନେଟ ଓ ପ୍ରଶାସନକୁ ନେଇ ଆସିଥିଲି ଆପଣଙ୍କ କଥା ଶୁଣିବାକୁ। ସମ୍ବଲପୁର ଅଭିଯୋଗ ଶୁଣାଣିରେ ମୋତେ ପ୍ରାୟ ୯ ହଜାର ୩୭୭ ଗୋଟି ଅଭିଯୋଗ ମିଳିଥିଲା ଯାହା ମଧ୍ୟରୁ ତୁରନ୍ତ ୮୮ ପ୍ରତିଶତ ସମାଧାନ କରା ଯାଇଥିଲା। ତେଣୁ ଆଗାମୀ ଦିନରେ ଓଡିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାକୁ ଯାଇ କେବଳ ଅଭିଯୋଗ ଶୁଣିବ ତାହା ନୁହେଁ, ଯଦି ଆବଶ୍ୟକ ହୁଏ, ମୁଁ କ୍ୟାବିନେଟ ମିଟିଂ ବି କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେଯେ ଆମ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିଳ୍ପାୟନ କରିବାକୁ ନିଷ୍ପତି ନେଇଛନ୍ତି। ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ। ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ପର୍ଯ୍ୟନ୍ତ-ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲା କୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ। ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ଆମେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତୀ ସମ୍ବଲପୁର ସହର ଏବଂ ମା ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ଶ୍ରୀ ନାଉରି ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ବିଧାୟକଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ମା ସମଲେଶ୍ୱରୀ ମନ୍ଦିର ଏବଂ ମା ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ।

# ଟ୍ରିବ୍ୟୁନାଲରେ ମହାନଦୀ ବିବାଦର ଶୁଣାଣି

**ଭୁବନେଶ୍ୱର,୬।୯(ମହାଭାରତ):** ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ନିଜର ପକ୍ଷ ରଖିଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ମହାନଦୀ ଜଳବିବାଦ ଆପୋଷ ସମାଧାନ ପାଇଁ ଏବେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଦ୍ୱାରା ନିଆଯାଇଥିବା ସକରାତ୍ମକ ପଦକ୍ଷେପ ଏବଂ ଅଗଷ୍ଟ ୨ରୁ ଆଜିସୁଦ୍ଧା ଏଦିଗରେ ହୋଇଥିବା ଅଗ୍ରଗତି ନେଇ ମଧ୍ୟ ଟ୍ରିବ୍ୟୁନାଲଙ୍କୁ ଓଡ଼ିଶା ଅବଗତ କରାଇଥିବା ସୂଚନା ମିଳିଛି।



ଶନିବାର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିବା ସହ ଏହା ଏକ ରାଜନୀତିକ ବିବାଦ ହୋଇଥିବାରୁ ଏହାର ସମାଧାନ ମଧ୍ୟ ରାଜନୀତିକସ୍ତରରେ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଯାହାକୁ ଟ୍ରିବ୍ୟୁନାଲ ପ୍ରଶଂସା କରିଥିବା ସୂଚନା ମିଳିଛି।

ସୂଚନା ଅନୁସାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଆଜି ଶୁଣାଣିବେଳେ ଏଜି ଶ୍ରୀ ଆଚାର୍ଯ୍ୟ ଅଗଷ୍ଟ ୨ତାରିଖ ପରଠୁ ଏପର୍ଯ୍ୟନ୍ତ ଏହି ବିବାଦର ସମାଧାନ ଦିଗରେ ଦୁଇ ରାଜ୍ୟ ନେଇଥିବା ପଦକ୍ଷେପ ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ବିବାଦର ସମାଧାନ ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯାଇଛି। ତାହା ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଛି। ଦୁଇ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ଓଡ଼ିଶା ପ୍ରୟାସ କରୁଛି। ଗତ ସାତ ବର୍ଷ ଧରି ଏହି ମାମଲାରେ ବିଶେଷ ଅଗ୍ରଗତି ହୋଇନଥିବା ବେଳେ, ଟ୍ରିବ୍ୟୁନାଲଙ୍କ ସକରାତ୍ମକ ଆଭିମୁଖ୍ୟ ଓ କେନ୍ଦ୍ର ସରକାରଙ୍କ ସକ୍ରିୟ ହସ୍ତକ୍ଷେପ ତଥା ଦୁଇ ରାଜ୍ୟର ସହଯୋଗୀ ମନୋଭାବ ଯୋଗୁ ଏହି ବିବାଦର ସମାଧାନର ଆଶା ଉଜ୍ଜ୍ୱଳ ହୋଇଛି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବିଏମ୍ ତ୍ରିବେଦୀ ଓଡ଼ିଶାର ଏହି ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହ ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।ଏଜି ଶ୍ରୀ ଆଚାର୍ଯ୍ୟ ଟ୍ରିବ୍ୟୁନାଲକୁ ଅବଗତ କରାଇଥିଲେ ଯେ, ମହାନଦୀ ଜଳ ବିବାଦ ହେଉଛି ଏକ ରାଜନୈତିକ ପ୍ରସଙ୍ଗ। ଏହାର ସମାଧାନ କେବଳ ଦୁଇ ରାଜ୍ୟର ନେତୃତ୍ୱଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଓ ପାରସ୍ପରିକ ବୁଝାମଣା ମାଧ୍ୟମରେ ହିଁ ସମ୍ଭବ। ରାଜନୈତିକ ଇଚ୍ଛାଶକ୍ତି ବିନା ଆଇନଗତ କିମ୍ବା ଟେକ୍ନିକାଲ ଉଦ୍ୟମ ସଫଳ ହେବ ନାହିଁ। ପ୍ରାୟ ୪୦ଟି ମୁଖ୍ୟ ବିବାଦୀୟ ପ୍ରସଙ୍ଗ ଏବେ ମଧ୍ୟ ଅମୀମାଂସିତ ରହିଛି, ଯାହାକୁ ଦୁଇ ରାଜ୍ୟର ଟେକ୍ନିକାଲ ଟିମ୍ ନିୟମିତ ବୈଠକ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି।

ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲାଙ୍କ ହସ୍ତକ୍ଷେପ ପରେ ମହାନଦୀ ଜଳବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ମଧ୍ୟରେ ଦୁଇଥର ଆଲୋଚନା ହୋଇସାରିଛି। ଗତ ଅଗଷ୍ଟ ୩୦ତାରିଖରେ ନୂଆଦିଲ୍ଲୀରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଛି। ଗତକାଲି(ସେପ୍ଟେମ୍ବର ୫ତାରିଖ) ମଧ୍ୟ ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ଟେକନିକାଲ ଟିମଙ୍କ ମଧ୍ୟରେ ଆଲୋଚନା ହୋଇଛି।

## ଏନ୍‌କାଉଣ୍ଟରରେ ମହିଳା କମାଣ୍ଡର ମୃତ

**ମାଲକାନଗିରି,୬।୯(ମହାଭାରତ):** ସୀମାନ୍ତ ଛତିଶଗଡର ନାରାୟଣପୁର ଏବଂ ଦନ୍ତେୱାଡା ଜିଲ୍ଲା ସୀମାରେ ପୁଣି ଏନକାଉଣ୍ଟର ହୋଇଛି। ଏହି ଏନକାଉଣ୍ଟରରେ ଜଣେ ମହିଳା ମାଓ କମାଣ୍ଡରର ମୃତ୍ୟୁ ହୋଇଛି। ମୃତ ମହିଳା ମାଓ କମାଣ୍ଡର ନାମରେ ସରକାର ୮ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ମୃତ ମହିଳା କମାଣ୍ଡର ହେଲା ବିମଳା ସୋଡି। ବିମଳା ପ୍ଲାଟୁନ ନମ୍ବର-୧୬ର କମାଣ୍ଡର ଥିଲା। ଏହି ଘଟଣା ନେନ୍ଦୁର ଏବଂ ଗାବାଡି ମଧ୍ୟ ଜଂଗଲରେ ଘଟିଛି। ବିଶେଷ ସୂତ୍ରରୁ ଖବର ପାଇ ଡିଆରଜି ଏବଂ ଏସଟିଏଫ ଯବାନ ଆବୁଝମାଡ ଜଂଗଲରେ ପଶିଥିଲେ। ଲଗାଣ ବର୍ଷା ସତ୍ତ୍ୱେ ଯବାନଙ୍କ ମନବଳ ଦୃଢ଼ ଥିଲା। ଆଜି ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଏହି ଗୁଳିବିନିମୟରେ ଯବାନ ନକ୍ସଲ ଉପରେ ଭାରି ହୋଇଥିଲେ। ଘଟଣାସ୍ଥଳରେ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ମହିଳା ନକ୍ସଲର ଶବକୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ୩୦୩ ରାଇଫଲ, ୩୧୫ ରାଇଫଲ, ଦୁଇଟି ବିଏଲଜି ଲଞ୍ଚର, ୫ଟି ବିଏଲଜି ସେଲ, ୧୯ କିଲୋ ବିସ୍ଫୋରକ, ଜିଲେଟିନ, ରେଡିଓ, ବିଦ୍ୟୁତ ସ୍ୱିଚ୍ ସମେତ ଦୈନିକ ଉପଯୋଗୀ ସାମଗ୍ରୀ ଯବାନ ଜବତ କରିଥିଲେ।

# ଟ୍ରମ୍ପଙ୍କ ମନୋଭାବକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ,୬।୯(**ମହାଭାରତ**): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଜେ. ଟ୍ରମ୍ପଙ୍କ ସକାରାତ୍ମକ ମନୋଭାବକୁ ପ୍ରଶଂସା କରିଛନ୍ତି। ସେ ଆଜି ଏକ୍ସ-ପୋଷ୍ଟରେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ମୋଦି ଢ ରେ ଲେଖିଛନ୍ତି, 'ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ହୃଦୟର ସହିତ ପ୍ରଶଂସା କରନ୍ତି ଏବଂ ପୂର୍ଣ୍ଣ ସମର୍ଥନ କରନ୍ତି। ଭାରତ ଏବଂ ଆମେରିକାର ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟାପକ ଏବଂ ବିଶ୍ୱ ରଣନୈତିକ ସହଭାଗୀତା ରହିଛି।'

ପୂର୍ବରୁ ପ୍ରସାରିତ ଏକ ଖବର ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ଆମେରିକା ସମ୍ପର୍କକୁ ଏକ ଅତ୍ୟନ୍ତ ବିଶେଷ ସମ୍ପର୍କ ଭାବରେ ବର୍ଣ୍ଣନା କରିଥିଲେ। ସେ ଖୋଲାଖୋଲି ଭାବରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ତାଙ୍କର ବନ୍ଧୁ ରହିବେ। ସେ ଆଶ୍ୱାସନା ଦେଇଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ବିଷୟରେ କାହାକୁ ଚିନ୍ତା କରିବାର ଆବଶ୍ୟକତା ନାହିଁ।

ପ୍ରଧାନମନ୍ତ୍ରୀ 1 ଆଜି ଫ୍ରାନ୍ସ ରାଷ୍ଟ୍ରପତି ମହାମହିମଇମାନୁଏଲ୍ ମାକ୍ରନଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି।ଉଭୟ ଆର୍ଥିକ, ପ୍ରତିରକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବିକାଶର ସମୀକ୍ଷା ଏବଂ ସକାରାତ୍ମକ ମୂଲ୍ୟାଙ୍କନ କରିଥିଲେ। ହରାଇଜନ୍ ୨୦୪୭ ରୋଡମ୍ୟାପ, ଇଣ୍ଡୋ-ପାସିଫିକ୍ ରୋଡମ୍ୟାପ୍ ଏବଂ ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ୍ ରୋଡମ୍ୟାପ୍ ଅନୁରୂପ ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ନେତା ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ୟୁକ୍ରେନରେ ସଂଘର୍ଷର ଅନ୍ତ ଆଣିବା ଦିଗରେ ନିକଟରେ କରାଯାଇଥିବା ପ୍ରୟାସ ଉପରେ ସେମାନେ ମତ ବିନିମୟ କରିଥିଲେ। ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶୀଘ୍ର ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଲାଗି ଭାରତର ନିରନ୍ତର ସମର୍ଥନକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ।

ଫେବୃଆରୀ ୨୦୨୬ ରେ ଭାରତ ଦ୍ୱାରା ଆୟୋଜିତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସଂକ୍ରାନ୍ତ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ଗ୍ରହଣ କରିଥିବାରୁ, ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଷ୍ଟ୍ରପତି ମାକ୍ରନଙ୍କୁ ଭାରତରେ ସ୍ୱାଗତ କରିବାକୁ ଅପେକ୍ଷା କରିଥିବା କହିଥିଲେ ।

# ପନୀରର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



..... ପରଦା ଖବର ......

# ଓଜନ କମାଇବା ପାଇଁ ପିଜ୍ଜା ଏବଂ ବର୍ଗର ଖାଆନ୍ତି ଭିକି କୌଶଳ





ଭିକି କୌଶଳ ବଲିଉଡର ଜଣେ ଖୁବ୍ ଚର୍ଚ୍ଚିତ ଅଭିନେତା । ଯିଏକି ତାଙ୍କ କାମକୁ ନେଇ ସବୁବେଳେ ସଚେତନ ରହିଥାନ୍ତି । ଫଳରେ ସେ ତାଙ୍କ ଅଭିନୟର ଯାଦୁରେ ସମସ୍ତଙ୍କୁ ସହଜରେ ଆକର୍ଷିତ କରିପାରିଥାନ୍ତି ।ବିଶେଷ କଥା ହେଉଛି ଯେ, ସେ ଅଭିନୟର ଚରିତ୍ରକୁ ନେଇ ସେ ତାଙ୍କ ଶରୀରକୁ ମେଣ୍ଟେନ୍ କରିଥାନ୍ତି । ଏହା ସହିତ ଯେତେ ଜଙ୍କଫୁଡ୍ ଖାଇଲେ ମଧ ତାଙ୍କ ଓଜନ ବୃଦ୍ଧିର ସମସ୍ୟା ନାହିଁ ବୋଲି କୌନ୍ ବନେଗା କରୋଡପତି ଶୋ'ରେ ସେ କହିଥିଲେ । ଯାହାକୁ ନେଇ ଅମିତାଭ ବଚ୍ଚନ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।ଭିକି କୌଶଳ କିଆରା ଆଡଭାନୀଙ୍କ ସହିତ କୌନ୍ ବନେଗା କରୋଡପତିରେ ଶୋ'ରେ ସାମିଲ ହୋଇଥିଲେ। ଯେଉଁଠି ତାଙ୍କ ସମସ୍ୟାର ଖୁଲାସା କରିଥିଲେ । ସେ ଅମିତାଭଙ୍କୁ କହିଥିଲେ ଯେ, ତାଙ୍କ ଓଜନ ସହଜରେ ବଢେ ନାହିଁ । ଓଜନ ବୃଦ୍ଧି ପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡେ। ଓଜନ କମେଇବା ପାଇଁ ପିଜ୍ଜା, ବର୍ଗର ଖାଇବାକୁ ପଡେ ବୋଲି ମଧ କହିଥିଲେ । ତାଙ୍କ କଥା ଶୁଣିବା ପରେ ଅମିତାଭ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଯାହା ପରେ ଓଜନ ବଢାଇବାକୁ ସେ କ'ଣ କରନ୍ତି ବୋଲି ଅମିତାଭ ତାଙ୍କୁ ପଚ୍ଚରିଥିଲେ । ଯାହାର ଉତ୍ତରରେ ଭିକି କହିଥିଲେ 'ମତେ ବହୁତ ବୋରିଂ ଖାଦ୍ୟ ଖାଇବାକୁ ପଡେ' । ଯେଉଁଥି ପାଇଁ ଗ୍ରୀଲଡ୍ ଖାଦ୍ୟ ଖାଇବାକୁ ପଡିଥାଏ । ଏଥି ସହିତ ତାଙ୍କ ଓଜନ ବଢିବାକୁ ନେଇ ଆହୁରି କିଛି ମଧ ଖାସ୍ କଥା କହିଛନ୍ତି । ଲୋକମାନେ ଓଜନ କମାଇବାକୁ ଜିମ୍ ଯାଉଥିଲାବେଳେ ସେ ଓଜନ ବଢାଇବା ପାଇଁ ଜିମ୍ ଯାଆନ୍ତି । ଯାହା ପଞ୍ଜାବୀମାନଙ୍କର ଭଲ ସମସ୍ୟା ବୋଲି ସେ କହିଛନ୍ତି । ଅନ୍ୟପଟେ ତାଙ୍କର ଏହି ଭିଡିଓ ଦେଖିବା ପରେ ତାଙ୍କ ଫ୍ୟାନ୍ସ ବହୁତ କମେଣ୍ଟ ଦେଉଛନ୍ତି ।

# ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୁର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପତ୍ତନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୁର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



# କେବେ ଶୁଭିଥିଲା ଶ୍ରୀକୃଷ୍ଣଙ୍କ ଶେଷ ବଂଶୀସ୍ୱନ ?

ରାଧା-କୃଷ୍ଣଙ୍କ ପ୍ରେମ କାହାଣୀକୁ ଆତ୍ମା ସହ ପରମାତ୍ମାଙ୍କ ମିଳନ ବୋଲି କୁହାଯାଏ। ଯେବେ ବି ପବିତ୍ର ପ୍ରେମର ଉଦାହରଣ ଦିଆଯାଏ, ସେତେବେଳେ ପୁରାଣବର୍ଣ୍ଣିତ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅନାବିଳ ପ୍ରେମ କାହାଣୀ ହିଁ କୁହାଯାଏୟ ଗୋପପୁରରେ ରାଧା-କୃଷ୍ଣଙ୍କ ପ୍ରେମକୁ ନେଇ ଅନେକ ବର୍ଣ୍ଣନା ପୁରାଣରେ ରହିଛି । ସେହି ବର୍ଣ୍ଣନା ଅନୁସାରେ ରାଧା-କୃଷ୍ଣଙ୍କ ଏହି ମିଳନରେ ପ୍ରମୁଖ ଭୂମିକା ନେଇଥିଲା ବଂଶୀ। ତେଣୁ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲା ବଂଶୀ। ଗୋଟିଏ ମୁହୂର୍ତ୍ତ ବି ସେ ବଂଶୀକୁ ନିଜ ପାଖରୁ ଅଲଗା କରୁ ନ ଥିଲେ। କୁହାଯାଏ, ଶ୍ରୀରାଧାଙ୍କ ପରେ ବଂଶୀ ହିଁ ଥିଲା ଶ୍ରୀକୃଷ୍ଣଙ୍କ ପ୍ରିୟତମ। ଏହି ବଂଶୀର ସ୍ୱର ଶୁଣି ହିଁ ରାଧା ତାଙ୍କ ପାଖକୁ ପାଗଳି ପରି ଧାଇଁ ଆସୁଥିଲେ। ତେଣୁ ଶ୍ରୀକୃଷ୍ଣ ବଂଶୀକୁ କେବେ ବି ନିଜ ପାଖରୁ ଦୂରେଇ ରଖୁ ନଥିଲେ। କାହ୍ନାଙ୍କର ପ୍ରିୟ ଏହି ବଂଶୀକୁ ହିଁ ପ୍ରେମର ପ୍ରତୀକ ବୋଲି କୁହାଯାଏ।





# କାଶ୍ମୀରର ପାରମ୍ପରିକ ଖାଦ୍ୟ



କେତେକ ପାରମ୍ପରିକ ଖାଦ୍ୟ କାଶ୍ମୀରରେ ଖୁବ ପ୍ରସିଦ୍ଧ। ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ...

କାଶ୍ମୀର ପଲାଉ : ଏଠାରେ ପ୍ରସ୍ତୁତ ହେଉଥିବା କାଶ୍ମୀର ପଲାଉ ସୁନ୍ଦର ବାସ୍ନାର ବାସୁମତୀ ଚାଉଳକୁ କ୍ଷୀର, ଚିନି ଓ ଡ୍ରାଏ ଫ୍ରୁଟ୍ସକୁ ପକାଇ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ଆମିଷ ପ୍ରେମୀ ମାନେ ସାଧାରଣତଃ ବାସୁମତୀ ଚାଉଳରେ ମଟନ ପକାଇ ପଲାଉ ପ୍ରସ୍ତୁତ କରି ଖାଇଥାଆନ୍ତି।

ନଦର ୟଖ୍ନା : ଏହା ଏକ ଶାକାହାରୀ କାଶ୍ମୀର ବ୍ୟଞ୍ଜନ ଅଟେ। ଏହା ଦହି, ଅଦା, ତେଜପତ୍ର ଆଦି ପକାଇ ଏହାକୁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ୟୋଗର୍ଟ କରୀ :

ଦହି ସହ ଗୋଲମରିଚ, ଗୁଜୁରାତି, ପିଆଜ ବଟା ଆଦି କେତେ ପ୍ରକାର ଦ୍ରବ୍ୟକୁ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହା ଖୁବ ସ୍ୱାଦିଷ୍ଟ ଓ ଏହାର ବାସ୍ନା ମଧ ଖୁବ ଭଲ।

ୟୋଗର୍ଟ କରୀ ପ୍ରସ୍ତୁତ କରିବା ପରେ ଏହାଉପରେ ଶୁଖିଲା ପୁଦିନା ପତ୍ର ମଧ ପକାଯାଏ।

ମଟନ ରୋଗନ ଜୋଶ :

ଏହା କାଶ୍ମୀରର ଏକ ପ୍ରସିଦ୍ଧ ବ୍ୟଞ୍ଜନ ଅଟେ। ଏହାକୁ ମଟନ ସହ ଭଜା ପିଆଜ, ବିଭିନ୍ନ ପ୍ରକାରର ମସଲା ଦହି ପକାଇ ପ୍ରସ୍ତୁତ କରାଯାଏ। ଏଥିରେ କାଶ୍ମୀର ଲଙ୍କା ଗୁଣ୍ଡ ପକାଇବା ପରେ ଏହାର ରଙ୍ଗରେ ପରିବର୍ତ୍ତନ ଆସେ ଓ ସ୍ୱାଦ ବଢିଯାଏ।

ମଟନ ରୀଷ୍ଟା :

ଏହି ବ୍ୟଞ୍ଜନ ବିଶେଷ କରି ଥଣ୍ଡା ସମୟରେ ଓ ସ୍ୱତନ୍ତ୍ର ସମୟରେ ପ୍ରସ୍ତୁତ କରାଯାଏ। ଏହି ବ୍ୟଞ୍ଜନ ମସଲା ଯୁକ୍ତ, ଦହି ଓ ବୋନଲେସ୍ ମଟନରେ ପ୍ରସ୍ତୁତ କରାଯାଏ। ଖାଇବାକୁ ମଧ ଏହା ଖୁବ ସୁଆଦିଆ।

ହାକ :

ହାକ ଦେଖିବାକୁ ପାଳଙ୍ଗ ଶାଗ ଭଳି। ଏହାକୁ ପ୍ରସ୍ତୁତ କରିବାକୁ ସୋରିଷ ତେଲର ବ୍ୟବହାର କରାଯାଏ। ସୋରିଷ ତେଲରେ ମସଲା ପକାଇ ପାଳଙ୍ଗ ଶାଗକୁ ୩୦ ମିନିଟ ଯାଏଁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହି ବ୍ୟଞ୍ଜନ ସୁଆଦିଆ ଓ ସ୍ୱାସ୍ଥ୍ୟକର ଅଟେ।

କାଶ୍ମୀର ଶାଗ :

ଏହି ପ୍ରକାରର ବ୍ୟଞ୍ଜନକୁ ସାଧାରଣତଃ ଶୀତଦିନରେ ଅଧିକ ଖାଇବାକୁ ମିଳିଥାଏ। ପିଆଜ, ଟମାଟୋ, କଞ୍ଚା ଲଙ୍କା, ମସଲା ଆଦି ପକାଇ ପ୍ରସ୍ତୁତ କରାଯାଏ। ଏହା ମଧ ଖାଇବାକୁ ଖୁବ ସୁଆଦିଆ।



# ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ। ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି। ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ। ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ। ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ। ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ। ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ ଦେଖାଦେଇପାରେ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ନାସାମ୍ନି ରଖିବା ଉଚିତ ନୁହେଁ।

# ଓଡ଼ିଆ ସମାଜର ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ଓ ଜଣାଇବା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୬।୯(ମହାଭାରତ): ସାମ୍ବାଦିକମାନେ କେବଳ ରାଜନୀତି ଓ ଅପରାଧିକ ଘଟଣା ବିଷୟରେ ବିତର୍କ ନକରି ଗୋଟିଏ ସମାଜର ବ୍ୟାପ୍ତିକୁ ପରିପ୍ରକାଶ କରିବା ଦରକାର । ଏହି କ୍ରମରେ ଓଡ଼ିଶା ସମେତ ଜାତୀୟ ସ୍ତରର ସାମ୍ବାଦିକମାନେ ମଧ୍ୟ ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ସବୁ ବିଷୟକୁ ଜଣାଇବା ଦରକାର ବୋଲି ଶନିବାର ନୂଆଦିଲ୍ଲୀ ଠାରେ 'ପଲ୍ଲୀବାଣୀ ମିଶନ' ପକ୍ଷରୁ ଆୟୋଜିତ 'ଭାରତୀୟ ସାମ୍ବାଦିକତା ପୁରସ୍କାର - ୨୦୨୫' ଏବଂ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର -୨୦୨୫' ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ମନୋନୀତ ୬ ଜଣ ସାମ୍ବାଦିକମାନଙ୍କୁ ପୁରସ୍କୃତ କରିବା ସହ ଜାତୀୟ ଓ ରାଜ୍ୟ ସ୍ତରରେ ସାମ୍ବାଦିକତା ପୁରସ୍କାରରେ ସମ୍ମାନିତ ହୋଇଥିବା ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଆ ଭାଷା ହେଉଛି ଏକ ବିଜ୍ଞାନ । ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଆମ ରାଜ୍ୟ ଓଡ଼ିଶା ଦେଶର ସର୍ବପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଆମ ଓଡ଼ିଆ ଭାଷାର ଉତ୍କୃଷ୍ଟତା, ଗଭୀରତା ତଥା ମହାପୁରୁଷମାନଙ୍କ ଉତ୍କଣ୍ଠା, ବ୍ୟଗ୍ରତା ଏବଂ ଆନ୍ଦୋଳନ କାରଣରୁ ଏହା ସମ୍ଭବ ହୋଇଥିଲା । ଆଉ ୧୧ ବର୍ଷ ପରେ ୨୦୩୬ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ତେବେ ସମାଜକୁ ଏକ ପରିଚୟର ଆବଶ୍ୟକତା ଥାଏ । ଓଡ଼ିଆ ସମାଜର ସବୁଠୁ ବଡ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ ନାହିଁ । ତେବେ ସମସାମୟିକ ସମାଜରେ ଆମ ଓଡ଼ିଆ ସମାଜର ଗଭୀରତା, ବୌଦ୍ଧିକ ଚିନ୍ତନ କ୍ଷମତା ଓ ବ୍ୟାପକ କେତେ, ତାହା ଜାଣିବା ଦରକାର ଏବଂ ଜଣାଇବା ଦରକାର । ବର୍ତ୍ତମାନ ସେହି ଏକ ସମୟ ଉପନୀତ ହୋଇଛି, ଯେଉଁ ସମୟରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଓଡ଼ିଶାର ସମୃଦ୍ଧି, ସାଂସ୍କୃତିକ ଐତିହ୍ୟ ଓ ପ୍ରତିଚ୍ଛବିକୁ ଜାତୀୟ ଆଲୋଚନା ପରିସରକୁ ଆଣିବା ଆମର ଦାୟିତ୍ୱ ଅଟେ।




କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ସବୁ ସମୟରେ ରାଜନୀତି ଏବଂ ଆଇନଶୃଙ୍ଖଳା, ଅପରାଧ ଖବର ଏବଂ ଅନ୍ୟ ବିଷୟରେ ବିତର୍କ କରିବା ପରିବର୍ତ୍ତ? ଏକ ସମାଜର ଗଭୀରତା, ଐତିହ୍ୟ, ଖାଦ୍ୟ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ବିଷୟ ଉପରେ ଆଲୋଚନା ହେବା ଦରକାର । ଏହାର ଉଦାହରଣ ଦେଇ ଓଡ଼ିଶାର ଗୌରବମୟ ଇତିହାସ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଓଡ଼ିଶା ଏକ ସମୃଦ୍ଧ, ବୌଦ୍ଧିକସମ୍ପନ୍ନ ଏବଂ ବଳଶାଳୀ ରାଜ୍ୟ । ସମ୍ରାଟ ଖାରବେଳ ଥିଲେ ଆଧୁନିକ ଓଡ଼ିଶାର ସ୍ଥପତି । ଏହା ପୂର୍ବରୁ ଓଡ଼ିଶାରେ ସମ୍ରାଟ ଅଶୋକ ଏବଂ ଓଡ଼ିଆଙ୍କ ମଧ୍ୟରେ ସଂଗଠିତ ହୋଇଥିବା କଳିଙ୍ଗ ଯୁଦ୍ଧ ଏକ ମହାନ ବାର୍ତ୍ତା ଦେଉଛି । କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ହିଁ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା । ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି, ଯାହା ଓଡ଼ିଶାର ଗୌରବମୟ ଇତିହାସକୁ ପ୍ରତିଫଳିତ କରୁଛି । ଶ୍ରୀ ପ୍ରଧାନ ସବୁ ଓଡ଼ିଆ ଲୋକମାନଙ୍କୁ ଓଡ଼ିଶାର ବିଷୟକୁ ଚ୍ୟାଟଜିପିଟି ମାଧ୍ୟମରେ ପ୍ରଶ୍ନ କରିବା ସହ ଓଡ଼ିଶାର ବ୍ରାଣ୍ଡକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଏହି ସାମ୍ବାଦିକତା ପୁରସ୍କାର ନେଇ ପଲ୍ଲୀବାଣୀ ମିଶନର ଉଦ୍ୟମ ଏବଂ ପୁରସ୍କୃତ ସାମ୍ବାଦିକମାନଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । ସେ କହିଥିଲେ ପୁରସ୍କୃତ ସାମ୍ବାଦିକମାନେ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ନିରପେକ୍ଷ ସାମ୍ବାଦିକତାକୁ ଅଗ୍ରାଧିକାର ଦେଇ ରାଜ୍ୟ ଓ ଦେଶ ଉପରେ ଟିପ୍ପଣୀମାନ ରଖୁଛନ୍ତି । ସାମ୍ବାଦିକମାନେ ନିଜର କାର୍ଯ୍ୟରେ ଲୋକମାନଙ୍କ ସ୍ୱରକୁ ରାଜ୍ୟ ଓ ଦେଶରେ ଉପସ୍ଥାପନା କରିବା ପାଇଁ ପରାମର୍ଶ ଦେଇଥିଲେ କେନ୍ଦ୍ରମନ୍ତ୍ରୀ ।

ଉଲ୍ଲେଖନୀୟ ଯେ, ଏହି ପୁରସ୍କାର ସମାରୋହରେ 'ଆଜ୍ ତକ୍'ର ସମ୍ପାଦକ ଶ୍ରୀ ସଞ୍ଜୀବ ପାଲିଓ୍ୱଲ, 'ହିନ୍ଦୁସ୍ତାନ'ର ସମ୍ପାଦକ ଶ୍ରୀ ପ୍ରତାପ ସୋମବଂଶୀ, 'ଲଲିନଟପ'ର ସମ୍ପାଦକ ଶ୍ରୀ ସୌରଭ ଦ୍ୱିବେଦୀଙ୍କୁ ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଥିଲା । ସେହିପରି ଓଡ଼ିଶାର 'ଅର୍ଗସ' ଡିଜିଟାଲର ସମ୍ପାଦକ ଶ୍ରୀ ସଂଗ୍ରାମ କେ.ସାରଙ୍ଗୀ, 'ଦ' ହିନ୍ଦୁ'ର ସ୍ପ ?ଶାଲ କରେସପଣ୍ଡେଣ୍ଟ ଶ୍ରୀ ସତ୍ୟସୁନ୍ଦର ବାରିକ, ନୈକ ସମ୍ବାଦର ସମ୍ବଲପୁର ଜିଲ୍ଲା ସମ୍ବାଦଦାତା ଶ୍ରୀ ରତ୍ନାକର ଭୋଇ "ଓଡ଼ିଶା ସାମ୍ବାଦିକତା ପୁରସ୍କାର -୨୦୨୫"ରେ ସମ୍ମାନିତ ହୋଇଥିଲେ । ସମାରୋହରେ ଯୋଗଗୁରୁ ବାବା ରାମଦେବ, ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ ଏଡିଟର ଶ୍ରୀମତୀ ସାନ୍ତ୍ୱନା ଭଟ୍ଟାଚାର୍ଯ୍ୟ ଏବଂ ପଲ୍ଲୀବାଣୀ ମିଶନର ଚେୟାରମ୍ୟାନ ଶ୍ରୀ ରାମଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନଙ୍କ କରକମଳରେ ପଲ୍ଲୀବାଣୀ ମିଶନର ଏକ ବିଶେଷ ପତ୍ରିକା ମଧ୍ୟ ଉନ୍ମୋଚନ ହୋଇଥିଲା ।

# ମାଣ୍ଡିଆ ଦିବସ ପାଳନ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୬।୯(ମହାଭାରତ): ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଶନିବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ



ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଏକମାତ୍ର ରାଜ୍ୟଭାବେ ମାଣ୍ଡିଆ ଦିବସ ପାଳନ କରୁଛି। ପ୍ରତିବର୍ଷ ନଭେମ୍ବର ମାସ ୧୦ ତାରିଖକୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି। ଏହି ବର୍ଷ ମଧ୍ୟ ଆସନ୍ତା ନଭେମ୍ବର ୧୦ ଓ ୧୧ ରେ ଦୁଇଦିନ ଧରି ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ' କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ ' ଏହିବର୍ଷର ବିଷୟବସ୍ତୁ ରହିଛି। ପୂର୍ବବର୍ଷ ଭଳି ବିଭିନ୍ନ ସେସନ୍ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ । ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ମାଣ୍ଡିଆ, ସୁଆଁ, କାଙ୍ଗୁ ଓ ବିସ୍ମୃତ ପ୍ରାୟ ଖାଦ୍ୟାନ୍ନର ଉତ୍ପାଦନ, ବ୍ୟବହାର ଓ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ଉଦାହରଣ ସାଜିଛି । ନିକଟରେ ଏଫସିଆଇ ରାଜ୍ୟରୁ ମାଣ୍ଡିଆ ଅନ୍ୟ ରାଜ୍ୟକୁ ପ୍ରେରଣ କରିଛି ଏବଂ ପର୍ଯ୍ୟାୟକ୍ରମେ ମୋଟ ୪୦ ହଜାର ମେଟ୍ରିକ ଟନ ମାଣ୍ଡିଆ କେବଳ ଓଡିଶାରୁ ନେବା ପାଇଁ ଯୋଜନା ରହିଛି ।

ଏଥରର ମାଣ୍ଡିଆ ଦିବସ ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷା, ଡ଼ ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ଼ ନେସନ୍ସ ର ଫୁଡ୍ ଏଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନରୁ ବୈଜ୍ଞାନିକ, ଓ୍ୱାର୍ଲଡ଼ ଫୁଡ଼ ପ୍ରୋଗ୍ରାମ, ଆଇସିଏଆର, ଆଇସିଏଆର-ସିଆଇଡବ୍ଲୁଏ ରୁ ମହିଳା ବୈଜ୍ଞାନିକ, ଦେଶ ବିଦେଶରୁ ବହୁ ଖ୍ୟାତନାମା ବୈଜ୍ଞାନିକ ତଥା ଅଧିକାରୀ ପ୍ରମୁଖ ଯୋଗଦେବେ ।

ପ୍ରସ୍ତୁତି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ । କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ସୁବ୍ରତ କୁମାର ପଣ୍ଡା, ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ ।

# ମୋଦିଜୀଙ୍କ ଜନ୍ମଦିନରେ ୭୫ ଲକ୍ଷ ବୃକ୍ଷ ଚାରା ରୋପଣ ହେବ : ମନମୋହନ

ଭୁବନେଶ୍ୱର, ୬।୯(ମହାଭାରତ): ସେବା ହିଁ ପରମ ଧର୍ମ। ଏହି ମନ୍ତ୍ରକୁ ଚରିତାର୍ଥ କରି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଦେଶ ସେବାରେ ନିୟୋଜିତ କରିଛନ୍ତି। ଏହି କାରଣରୁ ତାଙ୍କ ଜନ୍ମଦିନକୁ 'ସେବା ଦିବସ' ଓ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ କରାଯିବ। ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା "ମା' ପାଇଁ ଗଛଟିଏ" ଅଭିଯାନକୁ ବ୍ୟାପକ କରିବା ପାଇଁ ବିଜେପି ନିଷ୍ପତି ନେଇଛି। ସେପ୍ଟେମ୍ବର ୧୭ରେ ମୋଦିଜୀଙ୍କ ୭୫ ତମ ଜନ୍ମଦିନରେ ୭୫ ଲକ୍ଷ ବୃକ୍ଷ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ କ୍ରିୟାନ୍ୱିତ କରିବାରେ ବିଜେପି କୃଷକ ମୋର୍ଚ୍ଚାର ଗୁରୁ ଦାୟିତ୍ୱ ରହିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ "ମା' ପାଇଁ ଗଛଟିଏ କର୍ମଶାଳା"ରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟରେ ପ୍ରତିଦିନ ଯେତିକି ଗଛ କଟାଯାଉଛି ସେହି ଅନୁସାରେ ବୃକ୍ଷ ଚାରା ରୋପଣ କରାଯାଉ ନାହିଁ। ଫଳରେ ଜଳବାୟୁ ପରବର୍ତନ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏଥିରୁ ରକ୍ଷାପାଇବା ପାଇଁ ବୃକ୍ଷ ଚାରା ରୋପଣ ଜରୁରୀ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଧାନ କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାରେ ସହାୟକ ହୋଇଛି ବିଜେପି ସରକାର। ଏହାଛଡ଼ା ଜଳସେଚନଠାରୁ ଆରମ୍ଭ କରି ଅନେକ କୃଷି କଲ୍ୟାଣକାରୀ ଯୋଜନା କାର୍ଯକାରୀ କରି ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିଛି। ଏସବୁ କୃଷି କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଁଚାଇବାରେ କୃଷକ ମୋର୍ଚ୍ଚା କାର୍ଯକର୍ତାମାନେ ପ୍ରମୁଖ ଭୂମିକା ନିର୍ବାହ କରିବେ।




କର୍ମଶାଳାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ ଶ୍ରୀ କେଭି ସିଂହଦେଓ ଉଦ୍‌ଘାଟନ କରି କହିଥିଲେ, କୃଷକମାନେ ଯେ, କେବଳ ଅନ୍ନଦାତା ନୁହଁନ୍ତି, ସେମାନେ ଦେଶର ଭବିଷ୍ୟତ ନିର୍ମାତା। ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ସେବା ପକ୍ଷରେ ଗାଁରୁ ସହର ପର୍ଯ୍ୟନ୍ତ ବୃକ୍ଷ ଚାରା ରୋପଣ କରି ସେବାର ସନ୍ଦେଶ ପହଁଚାଇବେ ବିଜେପି କାର୍ଯ୍ୟକର୍ତା। କୃଷିଉତ୍ପାଦିତ ସାମଗ୍ରୀକୁ ବିଶ୍ୱବଜାରରେ ପହଁଚାଇବା ପାଇଁ ରାଜ୍ୟ ସରକାର ପ୍ରୟାସରତ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଛନ୍ତି ଯେ, ସେବା, ସମର୍ପଣ ଓ ସଙ୍କଳ୍ପର ମନ୍ତ୍ର ନେଇ ପ୍ରତ୍ୟେକ ଗାଁରେ ରାଜ୍ୟ ସରକାର କାର୍ଯ୍ୟ କରିବେ। ଏତଦ୍‌ବ୍ୟତୀତ ସ୍ଥାନୀୟ ଅଂଚଳରେ କୃଷି ଉତ୍ପାଦନ ସାମଗ୍ରୀର ପ୍ରଦର୍ଶନୀ କରାଯିବା ସହ ସଫଳ କୃଷକମାନଙ୍କୁ ସମ୍ମାନିତ କରିବା ଏବଂ "ଭୋକାଲ ଫର ଲୋକାଲ" ଅଭିଯାନ କରି କୃଷକମାନଙ୍କ ପାଖରେ ପହଁଚିବାକୁ ଆହ୍ୱାନ ଦେଇଥିଲେ। ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ସେବା ପକ୍ଷରେ ରାଜ୍ୟର ସମସ୍ତଙ୍କ ଘରେ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେପ୍ଟେମ୍ବର ୯ ଓ ୧୦ରେ ପ୍ରତ୍ୟେକ ଜିଲ୍ଲାରେ ଏଭଳି କର୍ମଶାଳା ଆୟୋଜନ କରିବା ପାଇଁ ନେତାମାନଙ୍କୁ ଦାୟିତ୍ୱ ବଂଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର, ହୃଷିକେଶ ଜେନା, ପୁଲିନ ପୁହାଣ, ସାଧାରଣ ସମ୍ପାଦକ ସମୀର ପାତ୍ର, ସମ୍ପାଦକ ମନୋଜ ସାହୁ, ରାଜ୍ୟ କୋଷାଧକ୍ଷ ବିଶ୍ୱଜିତ୍ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଅଶୋକ ରଥ, ବିକ୍ରମ କେଶରୀ ରାଉତରାୟ, ଅବନେଶ୍ୱର ପ୍ରଧାନ, ସାମାଜିକ ଗଣମାଧ୍ୟମ ଓ ସୂଚନା ପ୍ରଯୁକ୍ତି ରାଜ୍ୟ ସଂଯୋଜକ ପ୍ରଦୀପ କୁମାର ସାହୁ, ସଂଯୋଜକ ଜଗନ୍ନାଥ ମହାପାତ୍ର, ଯଦୁମଣି ପାଣିଗ୍ରାହୀ, ଗୋବିନ୍ଦଚନ୍ଦ୍ର ପ୍ରଧାନ, ମଧୁସୂଦନ ଶର୍ମା, କେଶରୀ ଦୁର୍ଗା, ଯଶୋବନ୍ତ ସେଠ, ଜିତେନ୍ଦ୍ର ବିଶ୍ୱାଳ, ଉପେନ୍ଦ୍ର ରାଉଳ, ଅଜୟ ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଜୟଲକ୍ଷ୍ମୀ ମହାନ୍ତି, ତପନ ବେହେରା, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସିରିଜ ଚୋରୀ ଉଦ୍ୟମ

କଟକ,୬।୯(ମହାଭାରତ) କଟକ ସଦର ଥାନା ଅଧୀନ ସି.ଏମ.ସି ୫୯ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ଗୋଟିଏ ରାତ୍ରିରେ ଆଠ ଜଣଙ୍କ ଘରେ ଚୋର ପଶିବା ଘଟଣା ସ୍ଥାନୀୟ ଅଂଚଳରେ ଆଲୋଚନାର ବିଷୟ ପାଲଟିଛି। ଚୋରଦଳ ରାମନଗର ଗ୍ରାମର ତ୍ରୈଲୋକ୍ୟ ବେହେରାଙ୍କ ଠାକୁର ଘର ଝରକା ତାଡି କିଛି ଟଙ୍କା, ସୁନା କାନ ଫୁଲ ସହ ଅନ୍ୟାନ୍ୟ ସୁନା ଅଳଙ୍କାର ଲୁଟି ନେବାକୁ ସମର୍ଥ ହୋଇଥିବାବେଳେ ସେଇ ରାତ୍ରିରେ ପ୍ରହଲ୍ଲାଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ବେହେରା, ସନ୍ତୋଷ ମହାନ୍ତି, ସୁଧାକର ଦାସ, ବିମଳ ମହାନ୍ତି, ବାସୁଦେବ ସେଠି ଏବଂ ଉପେନ୍ଦ୍ର ସେଠି ଆଦିଙ୍କ ଘରେ ପଶିବା ପାଇଁ ଉଦ୍ୟମ କରିଥିଲେ । କାହାର ଝରକା ତ କାହାର କବାଟକୁ ଚୋର ମାନେ ତାଡିବା ପାଇଁ ସମର୍ଥ ହୋଇଛନ୍ତି ସତ କିନ୍ତୁ ଘର ଲୋକେ ଉଠି ପଡିବାରୁ ଚୋରୀ କରିବାରେ ସଫଳ ହୋଇପାରିନାହାନ୍ତି ।

## ସିପିଆଇର ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର,୬।୯(ମହାଭାରତ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତିନିଦିନିଆ ରାଜ୍ୟ ସମ୍ମିଳନୀ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ସାମ୍ବିଧାନିକ ସ୍ୱାୟତ ସଂସ୍ଥା କେନ୍ଦ୍ରୀୟ ନିର୍ବାଚନ କମିଶନ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଭୋଟ ଚୋରୀ ଓ ଭୋଟଦାତାଙ୍କୁ ଭୋଟଦାନ ଅଧିକାରରୁ ବଞ୍ଚିତ କରିବା ପାଇଁ ତଥାକଥିତ ଏସଆଇଆର୍ ନାମରେ ଦେଶର ଗଣତନ୍ତ୍ର ଉପରେ ବଜେପିର ନଗ୍ନ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ପ୍ରସ୍ତାବ ସାଙ୍ଗକୁ କେନ୍ଦ୍ର ସରକାରଙ୍କ ଖଣିଜ ଘରୋଇକରଣ, ବିଜେପିକୁ ଚାନ୍ଦାଦେଉଥିବା କର୍ପୋରେଟ୍‌ମାନଙ୍କ ସ୍ୱାର୍ଥରେ ହଜାର ହଜାର ଆଦିବାସୀଙ୍କୁ ବିସ୍ଥାପନ, ଜିଏସ୍‌ଟି ନାମରେ ସମସ୍ତ ସାମଗ୍ରୀ ଉପରେ ଅତ୍ୟଧିକ ଟିକସର ବୋଝ ଓ ଜାତୀୟ ଶିକ୍ଷାନୀତି-୨୦୨୦ ଆଳରେ ଶିକ୍ଷାର ଘରୋଇକରଣ, ସ୍କିମ୍ ୱାର୍କରମାନଙ୍କୁ ୱାର୍କର ମାନ୍ୟତା, କୃଷକଙ୍କୁ ସହଜ ଫସଲ ବୀମା ଓ ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି ଦାବିରେ ବ୍ୟାପକ ଗଣସଂଘର୍ଷ ସଂଗଠିତ କରିବାକୁ ପ୍ରସ୍ତାବମାନ ଗୃହୀତ ହୋଇଛି ।

# ନୂଆ ଜିଏସ୍‌ଟି ନିୟମରେ ଓଡିଶାର ପ୍ରଭୂତ କ୍ଷତି ହେବ : ପଞ୍ଚାନନ

ଭୁବନେଶ୍ୱର,୬।୯(ମହାଭାରତ): କେରଳ ଓ କର୍ଣ୍ଣାଟକ ରାଜ୍ୟ ବିରୋଧ କରିବା ଯୋଗୁଁ ଏ ଥରର ବୈଠକରେ ମଧ୍ୟ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରଭୁକ୍ତ କରାଯାଇପାରିଲା ନାହିଁ। ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ଚହିଥିଲେ ରାଜ୍ୟ ହରାଇବାକୁ ଥିବା ରାଜସ୍ୱକୁ ଭରଣା କରିପାରିଥାନ୍ତେ। କିନ୍ତୁ ତାହା ନ ହେବା ଫଳରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ବାଟ ସରକାର ଫିଟାଇଲେ ଫଳରେ ଦରଦାମ କମିବା ପରିବର୍ତ୍ତେ ବଢିବାର ସୂଚନା ମିଳିଲାଣି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି।

ପିସିସି ମିଡିଆ। ସେଲ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କାନୁନଗୋ ଆହୁରି କହିଛନ୍ତି, ନୂଆ ଜିଏସଟି ନିୟମ ଅନୁସାରେ ଓଡିଶାର ମଧ୍ୟ ପ୍ରଭୂତ କ୍ଷତି ହେବ। ସରକାର ଯେଉଁ ୧୮ ହଜାର କୋଟି ଟଙ୍କାର ଲାଭ କଥା କହୁଛନ୍ତି ପ୍ରକୃତପକ୍ଷେ ଏତିକି କ୍ଷତି ହେବ ସରକାର ନିର୍ବାଚିତ ହେବା ପ୍ରାୟ ୧୧ ବର୍ଷ ବିତି ଯାଇଥିଲେ ସୁଦ୍ଧା ଗୋଟିଏ ଦେଶ ଗୋଟିଏ ଟିକସ ନୀତି ପ୍ରଣୟନ କରି ପାରିଲା ନାହିଁ ବର୍ତ୍ତମାନ ମଧ୍ୟ ଅନ୍ୟାନ୍ୟ ଟିକସ ମିଶି ୩୧ଟା ଟିକସ ଚାଲୁଛି। ବର୍ତ୍ତମାନ ଓଡିଶା ପରିପେକ୍ଷୀରେ ଡବଲ ଇଞ୍ଜିନ ସରକାର ଚାଲିଛି ତେଣୁ ସରକାର ରାଜ୍ୟକୁ ଟିକସ ଭାରରୁ କେତେ ପରିମାଣରେ ମୁକ୍ତ କରି କେତେ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରୁଛନ୍ତି ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି। ପିସିସି ମିଡିଆ। ସେଲ ଅଧ୍ୟକ୍ଷ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, ଜିଏସଟିକୁ ନେଇ କିଛି ମୌଳିକ ପ୍ରଶ୍ନକୁ କେନ୍ଦ୍ର ଏଡାଇଚାଲିଛନ୍ତି। ଗତ ଆଠ ବର୍ଷରେ ଏହାର ସରଳୀକରଣରେ ସରକାର ବିଫଳ ହୋଇଛନ୍ତି। ଏଣେ କୁହାଗଲା, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅନୁସାରେ ପେଟ୍ରୋଲ ଓ ଡିଜେଲ ଦର ନିର୍ଦ୍ଧାରଣ ହେବ ଅଶୋଧିତ ତୈଳ ଦର ଅଧିକ ଥିବାବେଳେ ବଜାର ଦର ସଂଶୋଧିତ ହୋଇ ଲିଟର ପିଛା ଶହେ ଟପିଲା ଅଥଚ ଏକଦା ଅଶୋଧିତ ତୈଳ ଦର ସର୍ବନିମ୍ନ ସ୍ତରରେ ପହଞ୍ଚିବା ବେଳେ ଦୁଇବର୍ଷ କାଳ ଆଉ ବଜାର ଦର ସଂଶୋଧିତ ହେଲାନାହିଁ ଅନ୍ୟ ପକ୍ଷରେ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରଭୁକ୍ତ କରିବା ପାଇଁ ଜିଏସଟି କାଉନସିଲରେ ସହମତି ମଧ୍ୟ ହେଉନାହିଁ ଜିଏସଟିର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଏହାର ଲାଭ ପୁଞ୍ଜିପତି ଓ ଶିଳ୍ପୋଦ୍ୟୋଗୀଙ୍କୁ ମିଳୁଥିବା ବେଳେ ସାଧାରଣ ଜନତା କ୍ଷତିଗ୍ରସ୍ତ ହେବେ ବୋଲି ସେ କହିଥିଲେ । ଏହି ବହୁମୁଖୀ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ସହ ମିଡ଼ିଆ। ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି, ମୁଖପାତ୍ର ଲଲାଟେନ୍ଦୁ ଦାସ, ଜୟଶ୍ରୀ ପାତ୍ର ଓ ନଳିନୀକାନ୍ତ ନାୟକ ନିଜ ମତାମତ ଉପସ୍ଥାପନା କରିଥିଲେ।



# କେଉଁଝରକୁ ସମ୍ପ୍ରସାରିତ ହେବ ଶୂନ ଦୁର୍ଘଟଣା ଦିବସ

ଭୁବନେଶ୍ୱର,୬।୯(ମହାଭାରତ): ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ, ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସ ସହଯୋଗରେ, କେନ୍ଦୁଝର ଜିଲ୍ଲାରେ ଶୂନ୍ୟ ଦୁର୍ଘଟଣା ଦିବସ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଦୃଷ୍ଟିକୋଣ ସହିତ ସଂଯୁକ୍ତ ଏହି ପଦକ୍ଷେପ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ଚମତ୍କାର ସଫଳତା ଯାହା ସଡ଼କ ଦୁର୍ଘଟଣାରେ ଏକ ଦୃଶ୍ୟମାନ ହ୍ରାସ ରେକର୍ଡ କରିଛି ଏବଂ ସୁରକ୍ଷିତ ସଡ଼କ ଅଭ୍ୟାସ ଉପରେ ବ୍ୟାପକ ନାଗରିକ ସଚେତନତା ସୃଷ୍ଟି କରିପାରିଛି।

କେନ୍ଦୁଝରରେ ଏହି ଅଭିଯାନ ୧୪ ଦିନ ଧରି ଚାଲିବ ଯାହା ଶିକ୍ଷା, ସଚେତନତା, ପ୍ରବର୍ତନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଛି। କେଉଁଝର ଦୁର୍ଘଟଣା ପ୍ରବଣ ଜିଲ୍ଲା ହୋଇଥିବାରୁ ରଣନୀତିକ ଭାବେ ବଛାଯାଇଛି- ଯାହା ସଡ଼କ ସୁରକ୍ଷା ପ୍ରତି ରାଜ୍ୟର ଗଭୀର ପ୍ରତିବଦ୍ଧତାର ପ୍ରତୀକ। ଶୂନ ଦୁର୍ଘଟଣା ଦିବସ ପ୍ରଥମେ ଭୁବନେଶ୍ୱରରେ ପାଇଲଟ୍ ଭାବରେ ଆରମ୍ଭ ହୋଇଥିଲା, ଯେଉଁଠାରେ ଆଇଇସି ଅଭିଯାନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ତଥ୍ୟ-ଚାଳିତ ପ୍ରବର୍ତନ ଯୋଗୁଁ ବ୍ୟାପକ ଉନ୍ନତି ଆସିଥିଲା। ସ୍କୁଲ, କଲେଜ ଏବଂ ନାଗରିକ ଗୋଷ୍ଠୀମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରି ଏହି ପଦକ୍ଷେପ ପୂର୍ବ ବର୍ଷ ତୁଳନାରେ ଅଭିଯାନ ସମୟରେ ଦୁର୍ଘଟଣା ହ୍ରାସ କରିବାରେ ସଫଳ ହୋଇଥିଲା । ଏହାର ପ୍ରଭାବଶାଳୀ ସଫଳତା କେନ୍ଦୁଝର ଭଳି ଉଚ୍ଚ ବିପଦପୂର୍ଣ୍ଣ ଜିଲ୍ଲାଗୁଡ଼ିକରେ ଏହି ମଡେଲକୁ ଅନୁସରଣ କରିବାର ନିଷ୍ପତିକୁ ପ୍ରେରଣା ଦେଇଥିଲା। ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେଉଁଝର ଶୂନ ଦୁର୍ଘଟଣା ଦିବସ ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ ହୋଇଥିଲା। ଆଇଆଇଟି ମାଡ୍ରାସ ରଉଇଜ ତଥ୍ୟ ଉପରେ ଆଧାରିତ ଦୁର୍ଘଟଣାର ଗମ୍ଭୀରତା, ଦୁର୍ଘଟଣାର ପିକ୍ ସମୟ, ଉଲ୍ଲଂଘନ ଧାରା ଏବଂ ଯାନବାହାନ ବର୍ଗୀକରଣ ସମେତ ତଥ୍ୟ ଅନ୍ତର୍ଦୃଷ୍ଟି ଉପସ୍ଥାପନ କରିଥିଲା। ଜିଲ୍ଲାପାଳ ବିଶାଲ୍ ସିଂହଙ୍କ ସମେତ ପୋଲିସ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପରିବହନ କମିଶନର ଅମିତାଭ ଠାକୁର କହିଥିଲେ, ଭୁବନେଶ୍ୱର ଆମକୁ ଦେଖାଇଛି ଯେ ସରକାର ଓ ନାଗରିକ ଏକାଠି ହେଲେ ଆଚରଣଗତ ପରିବର୍ତନ ସମ୍ଭବ। କେଉଁଝରରେ ଏବେ ଏହି ସଫଳତାକୁ ଆହୁରି ଆଗକୁ ନେବାକୁ ପଡିବ ଏବଂ ସମଗ୍ର ରାଜ୍ୟ ପାଇଁ ଏକ ମଡେଲ ସ୍ଥାପନ କରିବାକୁ ପଡିବ।

ଏହି ଅଭିଯାନ ଦୁର୍ଘଟଣା ହ୍ରାସ କରିବା ଏବଂ ଦୀର୍ଘକାଳୀନ ଆଚରଣଗତ ପରିବର୍ତନ ଆଣିବା ପାଇଁ ଏକ ବହୁମୁଖୀ ପଦ୍ଧତି ଅବଲମ୍ବନ କରିବ। ପାରମ୍ପରିକ ଓ ଡିଜିଟାଲ୍ ମିଡିଆ, ସ୍କୁଲ ଓ କଲେଜ କର୍ମଶାଳା ଏବଂ ଆଇଆଇଟି ମାଡ୍ରାସ ସହାୟତାରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସଚେତନତା ଅଭିଯାନ କରାଯିବ। ସ୍ୱେଚ୍ଛାସେବୀ, ଛାତ୍ର ଏବଂ ସ୍ଥାନୀୟ ନେତାମାନେ 'ସଡ଼କ ସୁରକ୍ଷା ଦୂତ' ଭାବରେ କାର୍ଯ୍ୟ କରି ନାଟକ, ଷ୍ଟ୍ରିଟ୍ କ୍ୟାମ୍ପେନ୍ ଏବଂ ଜନସାଧାରଣଙ୍କ ସହ ଆଲୋଚନା କରାଯିବ।

## ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ ଆୟୋଜନ କରୁଛି ପୋଲିସ

ଭୁବନେଶ୍ୱର, ୬।୯(ମହାଭାରତ): କମିସନରେଟ ପୋଲିସ ରାଜଧାନୀର ସମସ୍ତ ନାଗରିକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କମିସନରେଟ ପୋଲିସ ବିଭିନ୍ନ ପଦକ୍ଷେପ ନେଉଛି । ଆତ୍ମହତ୍ୟାକୁ ରୋକିବା ପାଇଁ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ର ଛାତ୍ରୀଙ୍କ ପାଇଁ ଆଜି ନିର୍ଦ୍ଦେଶାବଳି ଜାରି କରାଯାଉଛି । ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟ ହଷ୍ଟେଲ ଏବଂ କ୍ୟାମ୍ପସରେ ଲଗାଯିବ । ରାଗିଂ କିମ୍ବା କୌଣସି ଅସୁବିଧାରେ ସମ୍ମୁଖୀନ ହେଲେ ଆମକୁ ଜଣାଇ ପାରିବେ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ।

## ଏଫଏମ ଦ୍ୱାରା ଟ୍ରାଫିକ ଅପଡେଟ୍ ଦେବ କମିସନରେଟ ପୋଲିସ

ଭୁବନେଶ୍ୱର,୬।୯(ମହାଭାରତ) ଏଫଏମ ଦ୍ୱାରା ଟ୍ରାଫିକ ଅପଡେଟ୍ ଦେବ କମିସନରେଟ ପୋଲିସ । ସମସ୍ତ ଏଫଏମ ଚ୍ୟାନେଲ ଶହ କଥା ହୋଇଛି କମିସନରେଟ ପୋଲିସ । ଟ୍ରାଫିକ ପୋଲିସ ସହ ସେମାନେ ମିଶିକି କାମ କରିବେ । ଆଗରୁ ଏହିଭଳି ଏଫଏମ ଦ୍ୱାରା ସୂଚନା ଦିଆଯାଉଥିଲା । ତାହା ଡିସକଣ୍ଟିନ୍ୟୁ ହୋଇଥିଲା ।

# ରାସ୍ତା ମରାମତି ନେଇ ଆସିବ ସ୍ୱତନ୍ତ୍ର ନୀତି, ଦୁଇ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ମହାଭାରତ): ପାର୍ବଣ ପୂର୍ବରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ରାସ୍ତା ମରାମତି କାମ ଶେଷ କରିବାକୁ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଦେଇଛନ୍ତି । ଏଥି ସହିତ ରାସ୍ତାର ସ୍ଥାୟିତ୍ୱ ଏବଂ ମରାମତି ପାଇଁ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ଆସିବା ବୋଲି ମନ୍ତ୍ରୀ କହିଛନ୍ତି ।

ଦଶହରାକୁ ନେଇ ରାସ୍ତାଘାଟ ଓ ଗମନାଗମନ ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ୟୁନିଟ୍-୫ସ୍ଥିତ ନିର୍ମାଣ ସୌଧ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ସବୁ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ । ଆଗାମୀ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସବୁ ପ୍ରମୁଖ ରାସ୍ତାକୁ ଖାଲଖମାମୁକ୍ତ କରିବା ଏବଂ ପରବର୍ତ୍ତୀ ଅକ୍ଟୋବର ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ବର୍ଷାଋତୁ ଆସିଲେ ରାସ୍ତାରେ ଖାଲଖମା ହେବା ଏବଂ ରାସ୍ତା ଖରାପ ହେବା ଏକ ସାଧାରଣ ପ୍ରକ୍ରିୟା । ତେବେ ଏହାକୁ ତୁରନ୍ତ ମରାମତି କରି ଜନସାଧାରଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ସରକାରଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ । ନୂତନ ନିଯୁକ୍ତି ଜରିଆରେ ବହୁ ପ୍ରତିଭାବାନ ଅଧିକାରୀ ଓ ଇଞ୍ଜିନିୟରମାନେ ବିଭାଗରେ ଯୋଗ ଦେଇଛନ୍ତି । ତେଣୁ, ଇଞ୍ଜିନିୟରମାନେ ସେମାନଙ୍କୁ ଜ୍ଞାନର ଉପଯୋଗ କରି ସ୍ଥାୟୀ ଓ ସୁନ୍ଦର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାସ୍ତାର ସ୍ଥାୟିତ୍ୱ ଏବଂ ମରାମତି ସହ ଯେଉଁ ସଂସ୍ଥା ଓ ବିଭାଗମାନେ ରାସ୍ତା ବ୍ୟବହାର କରୁଛନ୍ତି ସେଥି ନେଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବ । ଏଥିପାଇଁ ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଓଡ଼ିଶା ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ

ଭୁବନେଶ୍ୱର, ୬।୯(ମହାଭାରତ): ଓଡ଼ିଶା ବିଧାନସଭାର ୪ ନମ୍ବର ୟୁନିଟ୍ ସ୍ଥିତ ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଏଥି ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ। ଏହି ତିନିମହଲାବିଶିଷ୍ଟ ଅଟ୍ଟାଳିକାରେ ମୋଟ ୧୬ଟି ରୁମ୍ ନିର୍ମାଣ ହେବାକୁ ଥିବାବେଳେ ଏହିସବୁ ବିଲ୍ଡିଂ ଲିଫ୍ଟ ଦ୍ୱାରା ସଂଯୁକ୍ତ ହେବ । ମୋଟ ୯ ହଜାର ବର୍ଗଫୁଟରୁ ଉର୍ଦ୍ଧ୍ୱର୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ଆଗାମୀ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହା ଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ । ଅନ୍ୟ ପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବାବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭ ହେବ ।

ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ୍ ର ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ ଏହା ଦ୍ୱାରା ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହା ଦ୍ୱାରା ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ହିମାଳୟର ଚେତାବନୀ

ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡ଼ିକରେ ଏବେ ଯେଉଁଭଳି ଭାବେ ବାରମ୍ବାର ବାଦଲଫଟା ବର୍ଷା ଓ ଭୂସ୍ଖଳନ ଏବଂ ବନ୍ୟାର ପ୍ରକୋପ ସୃଷ୍ଟି ହୋଇଛି ବୋଲି ତାହାକୁ ପାର୍ବତ୍ୟାଂଚଳର ଚେତବାନୀ ବୋଲି କୁହାଯାଇପାରିବ। ଚଳିତ ମୌସୁମୀ ଋତୁରେ ହିମାଳୟ ପାଦଦେଶରେ ଅବସ୍ଥିତ ହିମାଚଳ ପ୍ରଦେଶ, ଉତରାଖଣ୍ଡ ଏବଂ ଜାମ୍ମୁ-କାଶ୍ମୀରରେ ୧୪ଥର ବାଦଲଫଟା ସହ ଆକସ୍ମିକ ବନ୍ୟା, ଭୂସ୍ଖଳନ ଜନଜୀବନକୁ ପ୍ରଭାବିତ କରିଛି। ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ ହିମାଳୟ ରାଜ୍ୟଗୁଡ଼ିକରେ ମୃତ୍ୟୁ ସଂଖ୍ୟା ୧୦୦ ଟପିଥିଲାବେଳେ ହଜାର ହଜାର କୋଟି ଟଙ୍କାର ସମ୍ପତି କ୍ଷତିଗ୍ରସ୍ତ ହୋଇଛି। ବଡ ବଡ କୋଠା ଭୁଶୁଡ଼ି ପଡିବା ସହ ରାସ୍ତାଘାଟ ଧୋଇଯାଇଛି। ନିକଟରେ ଜାମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷାରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ବହୁ ବୈଷ୍ଣୋଦବୀ ଶ୍ରଦ୍ଧାଳୁ ଅନ୍ତର୍ଭୁକ୍ତ ଥିବା କୁହାଯାଇଛି। ଆକସ୍ମିକ ବନ୍ୟା ସେମାନଙ୍କୁ ଭସାଇ ନେବା ସହ ପଥରଖଣ୍ଡର ଭଗ୍ନତା ତଳେ ପୋତି ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଗଲା ବୁଧବାର ଦିନ ଜାମ୍ମୁ ଅଂଚଳରେ ବନ୍ୟାର ବିଭିଷିକା ସୃଷ୍ଟି କରିଛି। ପଂଜାବରେ ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ରହିଥିବାବେଳେ ଚାଷଜମି ଗୁଡ଼ିକ ଜଳପ୍ଲାବିତ ହୋଇଯାଇଥିଲା। ଯମୁନା, ସିନ୍ଧୁ ଓ ସତଲେଜ୍ ନଦୀରେ ବନ୍ୟାରେ ଜନଜୀବନ ଠପ୍ ହୋଇଯାଇଥିଲା। କେବଳ ଏତିକି ଦିଲ୍ଲୀରେ ପ୍ରବଳ ବର୍ଷାରେ ରାସ୍ତାଘାଟଗୁଡ଼ିକ ବୁଡ଼ି ଯାଇଥିଲା। ଯମୁନା ନଦୀର ଜଳପତନ ବୃଦ୍ଧି କରିଥିଲା। ଚଳିତ ବର୍ଷ ଦକ୍ଷୀଣ ପଶ୍ଚିମ ମୌସୁମୀ କେବଳ ହିମାଳୟ ରାଜ୍ୟଗୁଡ଼ିକରେ ନୁହେଁ, ସମଗ୍ର ଉତର ଭାରତୀୟ ଅଂଚଳରେ ବର୍ଷାର ତାଣ୍ଡବ ରଚିଛି। ବାଦଲଫଟା ତଥା ଅପ୍ରତ୍ୟାଶିତ ବର୍ଷା ଏବେ ଜନଜୀବନ ପାଇଁ ବିପର୍ଯ୍ୟାୟର କାରଣ ହୋଇଛି। ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢ଼ିଚାଲିଛି, ପ୍ରକୃତିର ପ୍ରକୋପ ସେତିକି ସେତିକି ଉଗ୍ର ହେବାରେ ଲାଗିଛି। ହିମାଳୟ ରାଜ୍ୟଗୁଡ଼ିକରେ ମାତ୍ର ମାସକ ମଧ୍ୟରେ ଯେଉଁଭଳି ପ୍ରାକୃତିକ ବିପର୍ଯ୍ୟାୟ ଘଟଣାମାନ ଘଟିଛି, ଏହା ହେଉଛି, ତାର ଜ୍ୱଳନ୍ତ ଉଦାହରଣ। ପାର୍ବତ୍ୟାଚଂଳରେ ବାରମ୍ବାର ନିର୍ମାଣ କାର୍ଯ୍ୟ, ପଥର ଖଣ୍ଡକୁ ବିସ୍ଫୋରଣ ଦ୍ୱାରା ଫୁଟାଇବା, ଖନନ, ଆଖିବୁଜା ଗଛ କଟା ଆଦି ହିମାଳୟ ପାଦଦେଶରେ ବସବାସ କରୁଥିବା ଜନସାଧାରଣଙ୍କୁ ଅସୁରକ୍ଷିତ କରିଦେଇଛି। ଗତ ସପ୍ତାହରେ ଲୋକଭସଭାରେ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ସୂଚନା ଦେଇଥିଲେ ଯେ, ଦେଶରେ ସର୍ବାଧିକ ଭୂସ୍ଖଳନ ପ୍ରବଣ ଅଂଚଳ ମଧ୍ୟରେ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତରାଖଣ୍ଡ ହେଉଛି ଅନ୍ୟତମ। ଜାମ୍ମୁ-କାଶ୍ମୀରର ୧୨ପ୍ରତିଶତ ଅଂଚଳ ଅତିମାତ୍ରାରେ ସହଜରେ ପ୍ରଭାବିତ ହୋଇଥିବା ବର୍ଗ ଅନ୍ତର୍ଭୁକ୍ତ। ନିକଟରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଡିଏସଆଇ) ହିମାଳୟ ଅଂଚଳରେ ସହଜରେ ପ୍ରଭାବିତ ହୋଇପାରୁଥିବା ଭୂସ୍ଖଳନ ଇଲାକାର ସର୍ଭେ ସମ୍ପୂର୍ଣ୍ଣ କରିଛି। ହିମାଳୟ ଅଂଚଳରେ ଜୈବିକ ବିବିଧତାର କ୍ରମାଗତ କ୍ଷୟ ଯୋଗୁଁ ଏବେ ଏହି ଅଂଚଳଗୁଡ଼ିକ ଇକୋ-ସେନସଟିଭ୍ ଯୋନ ହୋଇଯାଇଛି। ବୈଜ୍ଞାନିକମାନଙ୍କ କଡା ଚେତାବନୀ ସତ୍ତ୍ୱେ ଜଙ୍ଗଲ କ୍ଲିଅରାନ୍ସ, ରାସ୍ତା ନିର୍ମାଣ, ବିଭିନ୍ନ ପ୍ରକଳ୍ପ ନିର୍ମାଣ ପରିବେଶକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବହୁ ପ୍ରାକୃତିକ ବିପର୍ଯ୍ୟାୟକୁ ଆମନ୍ତ୍ରଣ କରୁଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରବଳ, ଅତିପ୍ରବଳ, ବାଦଲପଟା ବର୍ଷା, ଅକସ୍ମିକ ବନ୍ୟା, ଭସ୍ଖଳନ ଏବଂ ମାଟି ଦବିବା। ସେହି ନଦୀ ଅବବାହିକାରେ ନୂଆ ନୂଆ ଜନବସତିମାନ ଗଢି ଉଠିବା ଯୋଗୁଁ ନଦୀର ଗତିପଥ ସଂକୁଚିତ ହେବା ଯୋଗୁଁ ବନ୍ୟା ତାଣ୍ଡବ ସୃଷ୍ଟି କରୁଛି। ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତନର ପ୍ରଭାବ ଦ୍ୱାରା ଏବେ ବିଭିନ୍ନ ପ୍ରାକୃତିକ ଧାରା ପ୍ରକ୍ରୀୟାରେ ବ୍ୟାପକ ପରିବର୍ତନ ଘଟିବା ସହ ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟାୟ ଘଟଣା ବଢ଼ିବାରେ ଲାଗିଛି। ପଶ୍ଚିମଘାଟ ପାର୍ବତ୍ୟମାଳାରେ ଜଳବାୟୁ ପରିବର୍ତନ ଗତ ଏକ ଦଶନ୍ଧି ତଳେ ଦେଖିବାକୁ ମିଳିଥିଲା ବୋଧହୁଏ ଏହାର ପରିଣତିକୁ କେହି ଭୁଲି ନଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭୂମଧ୍ୟ ସାଗରରେ ସାଧାରଣତଃ ଶୀତ ଓ ବସନ୍ତ ଋତୁରେ ଲଘୁଚାପମାନ ସୃଷ୍ଟି ହୋଇଥାଏ। ମାତ୍ର ଜଳବାୟୁ ପରିବର୍ତନ ପ୍ରଭାବରେ ଏବେ ଏହା ଗ୍ରୀଷ୍ମ ଓ ମୌସୁମୀ ଋତୁରେ ସୃଷ୍ଟି ହୋଇ ଏସୀଆ ଓ ଉତର ଭାରତୀୟ ଅଂଚଳରେ ପ୍ରବେଶ କରିଛି। ଉତର ଭାରତୀୟ ଅଂଚଳରେ ଏହାର ପ୍ରବେଶ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ଉଗ୍ର କରିବା ସହ ଜଳପ୍ରଳୟ ଏବଂ ବାଦଲଫଟା ବର୍ଷାର କାରଣ ହୋଇଛି। ବୈଜ୍ଞାନିକ, ପରିବେଶବିତ୍ ଏବଂ ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଦୃଷ୍ଟିରେ ରଖି ହିମାଳୟ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର, ରାଜ୍ୟ ସରକାର, ନୀତିନିର୍ଦ୍ଧାରକ ଏବଂ ଯୋଜନା ନିର୍ଦ୍ଧାରକମାନେ କାର୍ଯ୍ୟ କରିବା ଜରୁରୀ। ଅନ୍ୟଥା ଦେବଭୂମି ଅସୁରକ୍ଷିତ ହୋଇପଡିବା ସାର ହେବ।

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ


|||| ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ||||


ସ୍ୱପ୍ନ ଆମେ ଦେଖୁ। ସ୍ୱପ୍ନ ଦେଖିବା ଆମ ଅଧିକାର। ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ। ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ। ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ। ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର। ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର। ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି। ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ। ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ। ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା। ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି। ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ। ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର। ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ। ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ। ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ। କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ। ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ। ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ। ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କର। ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ। ଏତେ ସପନକୁ ରାତି କାହିଁ। ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧିକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ। ତେବେ ଏଥିରେ କାତର ହେବ ଉଚିତ ନୁହେଁ। ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ। କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ନେହେବ ଅସାର ଓ ଅଳୀକ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ। ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା। କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି। ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି। ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି। କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ। ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି। ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି। ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି। କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ। କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ। ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ।


**ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**


# ଭାବର ବାଣୀ ଭାଗବତ


## ପୁଷ୍ପମିତ୍ର ମହାପାତ୍ର


ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ରଚନା ନବାକ୍ଷରୀ ଭାଗବତ। ଭାଦ୍ରବ ମାସ ଇନ୍ଦୁ ପୂର୍ଣ୍ଣିମା ହୋଇଥିଲା ପବିତ୍ର ଭାଗବତ ପୁରାଣର ଜନ୍ମ ଦିନ। ତେଣୁ ଓଡ଼ିଶାର ଘରେ ଘରେ ଆଜି ପାଳିତ ହେଉଛି ଭାଗବତ ଜନ୍ମ ମହୋତ୍ସବ। ଭକ୍ତ ଜଗନ୍ନାଥ ଦାସଙ୍କ ଏହି ନବାକ୍ଷରୀ ଭାଗବତ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ। ଭାଗବତ ଟୁଙ୍ଗି ଓଡ଼ିଆ ଜାତିର ଭକ୍ତିଭାବର ପ୍ରତୀକ।

ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲି ଜୟନ୍ତୀ ଭାବେ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ । ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ । ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ । ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା । ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି । ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର । ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ । ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ । ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍ । ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ । ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ । ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି । ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି । ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ ।

ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି । ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ । ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି । ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ । ଓଡ଼ିଆ ଭାଷାର ଦୁର୍ଲ୍ଲଭ ଉପଦେଶ ଭଣ୍ଡାର ଭାଗବତ ଗ୍ରନ୍ଥରେ ଭରି ରହିଛି। ଓଡ଼ିଆ ଜାତିର ଆଧ୍ୟାତ୍ମିକ ଉତ୍ଥାନର ଏକମାତ୍ର ସମ୍ପତ୍ତି ହେଉଛି ପରମ ଶାସ୍ତ୍ର ଭାଗବତ। ସ୍ୱୟଂ ଭଗବାନ ଏହି ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ଭାଗବତରେ ରହିଛନ୍ତି। ସମ୍ପୂର୍ଣ୍ଣ ଭାଗବତ ପଢ଼ିଲେ ଆମେ ଭଗବାନଙ୍କ ଲୀଳା ଅନୁଭବ କରିପାରିବା।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯

E-mail : puspamitramohapatra18@gmail.com


# ପରମଶାସ୍ତ୍ର ଭାଗବତ


## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ପରମଶାସ୍ତ୍ର ଭାଗବତ । ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ମାର୍ଗର ପ୍ରଦର୍ଶକ । ଅନ୍ୟ ଅର୍ଥରେ ଭଗବାନଙ୍କ ସାକ୍ଷାତ ସ୍ୱରୂପ ହେଉଛନ୍ତି ଶ୍ରୀମଦ୍‌ଭାଗବତ । ମାନବ କଲ୍ୟାଣ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଅଷ୍ଟାଦଶ ପୁରାଣ ଗ୍ରନ୍ଥ ରଚନା କରିବା ପରେ ବିଚାର କଲେ ଯେ ସ୍ୱଳ୍ପ ଆୟୁଷ କାଳ ମଧ୍ୟରେ ଅନନ୍ତ ଶାସ୍ତ୍ରକୁ ଅଧ୍ୟୟନ କରି ସାରତତ୍ତ୍ୱକୁ ପରିଜ୍ଞାତ ହେବା ସମ୍ଭବପର ନୁହେଁ । ତେଣୁ ସକଳ ଶାସ୍ତ୍ରର ସାରତତ୍ତ୍ୱକୁ ସନ୍ନିବିଷ୍ଟ କରି ବ୍ୟାସଦେବ ରଚନା କରିଥିଲେ ଶ୍ରୀମଭାଗବତ ମହାପୁରାଣ । ବେଦ ଚତୁଷ୍ଟୟକୁ କଳ୍ପବୃକ୍ଷ ରୂପେ ଋଷିଗଣ କଳ୍ପନା କରିଥିବାବେଳେ ଶ୍ରୀମଦ୍‌ଭାଗବତ ହେଉଛି ସେହି ବେଦ କଳ୍ପତରୁର ସୁମଧୁର ପକ୍ୱଫଳ । ଏହି ଦିବ୍ୟ ଫଳ ପାଚି ଝଡ଼ିବା ପରେ ଶୁକଦେବ ଏଥିରେ ଚଞ୍ଚୁ ଆଘାତ କରି ସ୍ୱାଦ ଅସ୍ୱାଦନ କଲେ । ଶୁକମୁଖ ଦ୍ୱାରା ନଷ୍ଟ ହୋଇ ସେଥିରୁ ଅମୃତରସ ଝରିଆସିଲା । ବିବିଧ ରସର ଭଣ୍ଡାର ଭାଗବତର ଦିବ୍ୟ ଅମୃତସରକୁ ମର୍ମଜ୍ଞ ରସିକ ପୁରୁଷମାନେ ପାନ କରିବାରେ ଲାଗିଲେ । ବାସ୍ତବରେ ଶ୍ରୀମଦ୍‌ଭାଗବତରେ ଅନେକ ମତର ସମନ୍ୱୟତା ପ୍ରତିପାଦିତ ହୋଇଛି । ଏହି ମହାନ୍ ଗ୍ରନ୍ଥ ହେଉଛି ବିଦ୍ୟାର ଭଣ୍ଡାର । ବାରଟି ସ୍କନ୍ଧରେ ବିଭକ୍ତ ଭାଗବତ ଶାସ୍ତ୍ରରେ ଷଡ଼ ସମ୍ବାଦ ମାଧ୍ୟମରେ ସକାମ କର୍ମ, ନିଷ୍କାମ କର୍ମ, ସକାମ ଓ ନିଷ୍କାମ୍ ଭକ୍ତର ବିବିଧ ସ୍ୱରୂପ, ସାଧନ ଜ୍ଞାନ, ସାଧଜ୍ଞାନ, ମର୍ଯ୍ୟାଦାମାର୍ଗ, ବର୍ଣ୍ଣାଶ୍ରମ ଧର୍ମ, ପୌରୁଷର ସାଧନ, ଅବତାର ରହସ୍ୟ, ଧର୍ମର ଆଶ୍ରୟ, ହରିଭକ୍ତ ରସାମୃତ, ସୃଷ୍ଟିସ୍ଥିତି ପ୍ରଳୟାଦି ବିବରଣ ଓ ଦ୍ୱୈତ-ଅଦ୍ୱୈତ ଦର୍ଶନର ଅବତାରଣା କରାଯାଇଛି । ଏହି ଶାସ୍ତ୍ର ପରମାର୍ଥ ସହିତ ସାଂସାରିକ ଜୀବନକୁ ସୁଖମୟ ଓ ଉନ୍ନତି କରିବା ପାଇଁ ମାର୍ଗଦର୍ଶକ । ସକଳ ବିଘ୍ନନାଶ ପାଇଁ ନାରାୟଣ କବଚ, କାମନା ପୂର୍ତ୍ତି ପାଇଁ ଫୁଂସବନ ବ୍ରତ, ମନୋବାଞ୍ଛିତ ସନ୍ତାନ ସନ୍ତିତ ପାଇଁ ପୟୋବ୍ରତ, ଋଣମୁକ୍ତି ପାଇଁ ଗଜେନ୍ଦ୍ରସ୍ତୁତି ଆଦି ଅବ୍ୟର୍ଥ ଉପାୟ ସବୁ ଏହି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ଇହଲୋକ ଓ ପରଲୋକରେ କଲ୍ୟାଣକାରୀ ଏହି ଶାସ୍ତ୍ରକୁ ପରମହଂସ ସଂହିତା ବୋଲି ମଧ୍ୟ କୁହାଯାଏ ।

ବ୍ୟାସରଚିତ ସଂସ୍କୃତ ଭାଗବତର ପ୍ରଥମ ଟୀକାକାର ହେଉଛନ୍ତି ଆଚାର୍ଯ୍ୟ ଶ୍ରୀଧରସ୍ୱାମୀ । ଶ୍ରୀଧରଙ୍କ ଟୀକା ପରେ ଭାଗବତ ଶାସ୍ତ୍ର ଭାରତବର୍ଷର ମୁଖ୍ରକାମୀ ଅଗଣିତ ବିଦ୍ୱାନ ଓ ଶ୍ରଦ୍ଧାଳୁଙ୍କ ପଥପ୍ରଦର୍ଶକ ସାଜିଥିଲା । ଏହି ଟୀକା ମାଧ୍ୟମରେ ଭକ୍ତଗଣ ଭାଗବତର ମର୍ମ ବୁଝିବାକୁ ସକ୍ଷମ ହୋଇଥିଲେ । ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଉତ୍କଳଭୂମିରେ ପଞ୍ଚସାଖା ଯୁଗୀୟ ଜ୍ଞାନାମିଶ୍ରିତ ଭକ୍ତିମାର୍ଗର ପ୍ରଚାର ହୋଇଥିଲା । ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ ଭାଗବତ ରଚନା କରାଯାଇଥିଲା । ନିଜ ଜନନୀର ଇଛା ପୂରଣ କରିବାକୁ ଯାଇ ଯେଉଁ ମହାଶାସ୍ତ୍ର ରଚିତ ହେଲା, ତାହା ଆଜି ବି ଉତ୍କଳୀୟଙ୍କ ମାର୍ଗଦର୍ଶକ ସାଜିଛି । ପୁରୀ ନିକଟସ୍ଥ କପିଳେଶ୍ୱରପୁର ବ୍ରାହ୍ମଣଶାସନରେ ରାଧାଷ୍ଟମୀରେ ଜନ୍ମ ନେଇଥିଲେ ଜଗନ୍ନାଥ । ପୁରାଣପଣ୍ଡା ଭଗବାନ ଦାଶ ତାଙ୍କର ପିତା ଓ ମାତାଙ୍କ ନାମ ପଦ୍ମାବତୀ । ପିତାଙ୍କ ଦେହାନ୍ତେ ତାଙ୍କୁ ବଡ଼ଦେଉଳରେ ପୁରାଣ ପଢ଼ିବା ବୃତ୍ତିକୁ ଆଦରିନେବାକୁ ପଡ଼ିଥିଲା । ଏହା କିନ୍ତୁ ଥିଲା ମଣିକାଞ୍ଚନ ସଂଯୋଗ । ଆବାଲ୍ୟ ହରିଭକ୍ତ ଜଗନ୍ନାଥଙ୍କୁ ମିଳିଲା ମହାପ୍ରଭୁଙ୍କ ନିକଟରେ ବସି ତାଙ୍କରି ଯଶରାଶିକୁ ପଠନ ଓ ମନନ କରିବାର ଅହୋଭାଗ୍ୟ । ତେବେ ଗୋଟିଏ ଦୁଃଖ । ନିଜର ଅପାଠୋଇ ମାତା ବୁଝିପାରୁ ନାହାନ୍ତି ସଂସ୍କୃତ ଭାଗବତର ଅର୍ଥ । ଜନନୀଙ୍କ ଇଛା ଦୂର କରିବାକୁ ମନରେ ଚିନ୍ତା କରି ପରମେଶ୍ୱରଙ୍କୁ ସେ ଧ୍ୟାନ କଲେ । ସରଳ ସୁନ୍ଦର ନବାକ୍ଷରୀ ବୃତ୍ତରେ ଆରମ୍ଭ କଲେ ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ । ନିଜେ ରଚନା କରିଥିବା ପଂକ୍ତିଗୁଡ଼ିକୁ ପ୍ରଥମେ ଜଗନ୍ନାଥଙ୍କୁ ଶୁଣାଇ ଦାସେ ବଟଗଣେଶ ମୂଳେ ବସି ପୁରାଣ ପାଠ କରନ୍ତି । ଏକଦା ଭେଟ ହେଲେ ଶ୍ରୀଚୈତନ୍ୟ ମହାପ୍ରଭୁ । ଦାସଙ୍କ ଭାଗବତ ଚର୍ଚ୍ଚାରେ ମୁଗ୍ଧ ହୋଇ ମୁଣ୍ଡରେ ଭିଡ଼ିଦେଲେ ନିଜର ଉତ୍ତରୀୟ । ସହର୍ଷେ କୋଳାଗ୍ରତ କରିବା ସହ ସେଇଦିନ ଭୂଷିତ କରିଥିଲେ ଅତିବଡ଼ି ଉପାଧିରେ । ଅନେକ କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ନିଜ ଭକ୍ତିର ପରାକାଷ୍ଠା ବଳରେ ରାଜା ପ୍ରତାପରୁଦ୍ରଙ୍କୁ ଚମକତ୍ରତ କରିବା ପରେ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲା ବଡ଼ ଓଡ଼ିଆମଠ । କିନ୍ତୁ ନିଜର ସାଧନା ପାଇଁ ସେ ନିର୍ଜନ ବେଳାଭୂମିରେ ସ୍ଥାପନ କରିଥିଲେ ସାତଲହଡ଼ି ମଠ । ଏଠାରେ ରହି ରଚନା କଲେ ଓଡ଼ିଆ ଭାଗବତ ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନଲୀଳା । ଲେଖିସାରିବାର ଅଳ୍ପଦିନ ପରେ ମାଘ ଶୁକ୍ଳ ସପ୍ତମୀରେ ତାଙ୍କର ଲୀଳାବସାନ ହୋଇଥିଲା । ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ମୂଳ ଭାଗବତ ଆଧାରରେ ରଚିତ ହୋଇଥିଲେ ବି ଏହା ଆକ୍ଷରିକ ଅନୁବାଦ ନୁହେଁ । ପ୍ରକୃତ ଭାଷାରେ ରଚିତ ଏହି କୃଷ୍ଣ ରଚିତ ଗାଥା । ଏଥିରେ କବିଙ୍କର ଭାଷା ଚାତୁରି ଓ କାବ୍ୟକତା ଅନନ୍ୟ ଭାବେ ପ୍ରତିପାଦିତ । ଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ମଧ୍ୟ ଉପଲବ୍ଧ ହୁଏ । ତେବେ ମଧ୍ୟଯୁଗୀୟ ଓଡ଼ିଶାରେ ଭାଗବତ ହିଁ ଧର୍ମ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିବା ଗବେଷକମାନେ ମତ ଦିଅନ୍ତି । ଏହା ଷୋଡ଼ଶ ଶତାବ୍ଦୀ ଠାରୁ ଉତ୍କଳୀୟ ଧର୍ମଧାରାକୁ ଅନେକ ପରିମାଣରେ ପ୍ରଭାବିତ କରିଆସୁଛି । ଲୋକେ କଥାକଥାରେ ଭାଗବତ ପଂକ୍ତି ଉଦ୍ଧାର କରନ୍ତି । ପ୍ରତିଘରେ ଭାଗବତକୁ ପୂଜା କରାଯାଉଥିବାବେଳେ ଗାଁ ଗାଁରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଜ୍ଞାନଚର୍ଚ୍ଚା ହୋଇପାରୁଥିଲା । ଭାଦ୍ରବ ପୂର୍ଣ୍ଣିମାରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା ଜନଶ୍ରୁତି ଆଧାରରେ ଏହି ଦିନ ଭାଗବତ ଜନ୍ମ ଓ ଆଷାଢ଼ ଗୁରୁ ପୂର୍ଣ୍ଣିମାରେ ବଡ଼ା ଉତ୍ସବ ପାଳିତ ହେଉଥିଲା । ଏବେ କିନ୍ତୁ ଆଧୁନିକତା ନାମରେ ଏହିସବୁ ବୈଭବ ଲୋପ ପାଇଯାଉଥିବା ଦେଖାଯାଉଛି । ତେବେ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ପାଇଁ ତଥା ଆତ୍ମୋଦ୍ଧାର ପାଇଁ ନିରନ୍ତର ଭାଗବତ ରସ ଆସ୍ୱାଦନ କରିବା ଆବଶ୍ୟକ । ଏହାଦ୍ୱାରା ମାନବ ଜୀବନ ଚରିତାର୍ଥ ହୋଇଥାଏ ।


**ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**


# ଶ୍ରୀଭାଗବତ ପୁରାଣ : ଅଷ୍ଟାଦଶ ପୁରାଣର ସାର


## ଡ଼ଃ.ଅରୁନ୍ଧତୀ ଦେବୀ


ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲଇ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ । ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ । ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ । ଭାଦ୍ରବ ପୂର୍ଣ୍ଣିମା ଇନ୍ଦୁପୂର୍ଣ୍ଣିମା ନାମରେ ପ୍ରସିଦ୍ଧ। ଏହା ମଧ୍ୟ ଭାଗବତ ଜନ୍ମର ଦିନ। କାରଣ ଏହି ଦିନ ବ୍ୟାସଦେବ ସଂସ୍କୃତ ଶ୍ରୀମଦ ଭାଗବତର ରଚନା ଆରମ୍ଭ କରିଥିଲେ। ଅତିବଡ଼ି ଜଗନ୍ନାଥ ଦାସ ଏହାକୁ ସରଳ ନବାକ୍ଷରୀ ଓଡ଼ିଆରେ ରଚନା କରିଛନ୍ତି। ଶ୍ରୀମଦଭାଗବତର ଦ୍ୱାଦଶ ସ୍କନ୍ଧ, ସପ୍ତମ ଅଧ୍ୟାୟରେ ଚାରିବେଦ, ତାହାର ଶାଖା ପ୍ରଶାଖା, ପୁରାଣ ଓ ଉପପୁରାଣ ଆଦିର ବର୍ଣ୍ଣନା ଅଛି। ସେହି ପ୍ରସଙ୍ଗରେ ପୁରାଣର ଲକ୍ଷଣ ମଧ୍ୟ ବର୍ଣ୍ଣିତ ହୋଇଛି। ସେହି କ୍ରମରେ କୁହାଯାଇଛି ପୁରାତତ୍ତ୍ୱବିତ୍ ମୁନିମାନେ ଏହି ସବୁ ଲକ୍ଷଣ ଦ୍ୱାରା ପୁରାଣ ମାନଙ୍କୁ ଚିହ୍ନିତ କରନ୍ତି ଏବଂ ଏହି ସବୁ ଲକ୍ଷଣଯୁକ୍ତ ଚୋଟ ବଡ଼ ଅଠରଟି ପୁରାଣ ରହିଛି। ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା । ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି । ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର । ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ । ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ । ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍ । ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ । ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ । ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି । ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି । ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ । ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି । ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ ।

ଏହି ଅଷ୍ଟାଦଶ ପୁରାଣ ନାମ ମଧ୍ୟ ସେହି ଅଧ୍ୟାୟର ୨୩ ଓ ୨୪ ଶ୍ଳୋକରେ ପ୍ରବତ୍ତ ହୋଇଛି। ଏହା ଅନୁସାରେ, ଅଷ୍ଟାଦଶ ପୁରାଣ ହେଉଛି - ବ୍ରହ୍ମପୁରାଣ, ପଦ୍ମପୁରାଣ, ବିଷ୍ଣୁପୁରାଣ, ଶିବ ପୁରାଣ, ଲିଙ୍ଗପୁରାଣ, ଗରୁଡ଼ ପୁରାଣ, ନାରଦ ପୁରାଣ, ଭାଗବତ ପୁରାଣ, ଅଗ୍ନି ପୁରାଣ, ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମବୈବର୍ତ୍ତପୁରାଣ, ମାର୍କଣ୍ଡେୟ ପୁରାଣ, ବାମନ ପୁରାଣ, ବରାହପୁରାଣ, ମତ୍ସ୍ୟ ପୁରାଣ, କୂର୍ମ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ। ଏହାପରେ ୨୫ ଶ୍ଳୋକରେ କୁହାଯାଇଛି - ଶୌନକ ଏବଂ ମହର୍ଷି ବ୍ୟାସଦେବଙ୍କର ଶିଷ୍ୟ ପ୍ରଶିଷ୍ୟ ଗଣ ପରମ୍ପରାକ୍ରମେ ବେଦସଂହିତା ଓ ପୁରାଣ ସଂହିତା ମାନଙ୍କର ଅଧ୍ୟୟନ, ଅଧ୍ୟାପନ ଓ ବିଭାଜନ କରିଥିଲେ। ଏହି ପ୍ରସଙ୍ଗ ପଢ଼ିଲେ ବା ଶୁଣିଲେ ବ୍ରହ୍ମତେଜର ଅଭିବୃଦ୍ଧି ହୁଏ। ଏହି ପ୍ରସଙ୍ଗରେ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଭାଗବତର ମହତ୍ତ୍ୱ ସୂଚାଇ କହିଛନ୍ତି - ଅଷ୍ଟାଦଶ ପୁରାଣ ସାର / ଶ୍ରୀଭାଗବତ ନାମ ଯାର। ଅର୍ଥାତ୍ ଶ୍ରୀଭାଗବତ ପୁରାଣ ହେଉଛି ଏହି ଅଷ୍ଟାଦଶ ପୁରାଣର ସାର ସ୍ୱରୂପ। ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି । ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ ।


ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## ମାଲକାନଗିରି ପୌରପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଲେ ଜିଲ୍ଲାପାଳ

ମାଲକାନଗିରି, (ମହାଭାରତ):ମାଲକାନଗିରି ପୌର ପରିଷଦର ସୌନ୍ଦର୍ଯ୍ୟକରଣ ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ। ସେଥି ନିମନ୍ତେ ଆଜି ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ପୌର ପରିଷଦ ଅଧୀନରେ ଥିବା ଆଦର୍ଶ ଶ୍ମଶାନ, ନୂତନ ଭାବେ ଲୋକାର୍ପଣ ହୋଇଥିବା ବହୁମୁଖୀ ହଲ୍, ପ୍ରଧାନୀଗୁଡା ଠାରେ ଥିବା ପୋଖରୀ ଓ ଫିକଲ୍ ସ୍ଲଡଜ୍ ଟ୍ରିଟମେ□ ପ୍ଲାଣ୍ଟ ବୁଲି ଦେଖିବା ସହ ପ୍ରକଳ୍ପ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉଛି ନା ନାହିଁ ତଦାରଖ କରିଥିଲେ ଜିଲ୍ଲାପାଳ। ଏହି ଅବସରରେ ଆବଶ୍ୟକ ଥିବା ସମସ୍ତ ପ୍ରକଳ୍ପ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପୌରପାଳିକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଆଜିର ଏହି ପରିଦର୍ଶନରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ପୌର ପରିଷଦ ଯନ୍ତ୍ରୀ ଇନ୍ଦୁ ମାଧବ ସରକାର୍, ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ପଦ୍ମନାଭ ବେଟି, ମାଲକାନଗିରି ବ୍ଲକ୍ ସହାୟକ ଯନ୍ତ୍ରୀ ଅଭିଜିତ ସେଠୀ, ଯନ୍ତ୍ରୀ ସରୋଜ ସାମନ୍ତରାୟ, ରାସ୍ତା ଓ କୋଠାବାଡ଼ି-୧ ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରି ଏବଂ ମାଲକାନଗିରି ସିଡିପିଓ ଉପସ୍ଥିତ ଥିଲେ।

## ଦିବ୍ୟ ଶଙ୍କର ମିଶ୍ରଙ୍କୁ ପ୍ରବଳ ଅଣ୍ଡା ମାଡ଼ ସହିତ ଲୋକଙ୍କ ତୀବ୍ର ବିରୋଧ



ଗୋଲାମୁଣ୍ଡା(ମହାଭାରତ): ସ୍ଥାନୀୟ ବ୍ଲକ ଅଧିନ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କମିଟି ର ଅଧ୍ୟକ୍ଷ ସ୍ଥାନୀୟ ବିଧାୟକ ଥିବାବେଳେ ସହ ଅଧ୍ୟକ୍ଷ ବ୍ଲକ ଅଧ୍ୟକ୍ଷ ରୁହନ୍ତି ଓ ଉପାଧ୍ୟକ୍ଷ ସ୍ଥାନୀୟ ବିଡ଼ିଓ ରହିଥାନ୍ତି, ଉକ୍ତ ବୈଠକ ସାରି ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଫେରୁଥିବା ବେଳେ ରାସ୍ତା ରେ ସ୍ଥାନୀୟ ଲୋକେ କିଛି ସମସ୍ୟା କୁ ନେଇ ବିଧାୟକ ଙ୍କୁ ଭେଟିବାକୁ ଆସିଥିବା ବେଳେ ସ୍ଥାନୀୟ ପୁଲିସ ବାରଣ କରିଥିଲା ଏବଂ ବିଧାୟକ ମଧ୍ୟ ତାଙ୍କୁ ଭେଟି ନ ଥିଲେ, ଏଥିରେ ସ୍ଥାନୀୟ ଲୋକେ ଉତକ୍ଷିପ୍ତ ହୋଇ ପ୍ରବଳ ବିରୋଧ କରିବା ସହ ପ୍ରବଳ ଆଣ୍ଡାମାଡ଼ ମଧ୍ୟ କରିଥିଲେ। ଅପର ପକ୍ଷ ରେ ଶ୍ରୀ ମିଶ୍ର ନିଜ ନିର୍ବାଚନ ମଣ୍ଡଳୀ କୁ ଆସିଥିବା ବେଳେ ଏତେ ସଂଖ୍ୟା ରେ ପୁଲିସ ମୁତୟନ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି, କାରଣ ବିଗତ ଦିନରେ ବିଧାୟକ ଦିନ ରାତି ନିଜ ନିର୍ବାଚନ ମଣ୍ଡଳୀ ରେ ବୁଲୁଥିବା ବେଳେ ଗତ ସାଧାରଣ ନିର୍ବାଚନ ପର ଠାରୁ ଗୋଲାମୁଣ୍ଡା ବ୍ଲକ ରେ ବିଧାୟକ ଙ୍କ ଦେଖା ମିଳୁ ନ ଥିବା ଯୋଗୁଁ ସାଧାରଣ ଲୋକେ ନିଜ ସମସ୍ୟା ଗୁଡିକ ବିଧାୟକ ଙ୍କ ନିକଟରେ ଉପସ୍ଥାପନା କରି ପାରୁ ନାହାନ୍ତି। ଏଣୁ ଦିନକୁ ଦିନ ଜନତା ଙ୍କ ଆକ୍ରୋଶ ର ଶିକାର ହେବାକୁ ପଡୁଛ।

## ଲକ୍ଷ୍ମୀ ବସ୍ ସେବା ଅନିୟମିତତା ନେଇ ବିଡ଼ିଓଙ୍କୁ ଅଭିଯୋଗ

ପରଜଙ୍ଗ (ମହାଭାରତ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଲକ୍ଷ୍ମୀ ବସ୍ (ମୋ ବସ୍) ସେବା ଅନିୟମିତତା ନେଇ ପରଜଙ୍ଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୌଭାଗ୍ୟ ବେହେରାଙ୍କୁ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଥିବା ଲକ୍ଷ୍ମୀ ବସ୍ ପରଜଙ୍ଗ ବ୍ଲକରୁ ମୁଣ୍ଡେଇଲୋ, ପିଡିରି, କୁଲେଇ, ବସୁଲେଇ ଓ ଆଖୁଆପାଳ ଦେଇ ମାଣୀକିମରା ପଂଚାୟତ ଗୁଡିକୁ ଯାଉଅଛି। ତେବେ ଆଖୁଆପାଳ ପଂଚାୟତ ସୁଦୂର ଓ ଆଦିବାସୀ ଅଧୁଷିତ ଅଞ୍ଚଳ କେନ୍ଦୁମୁଣ୍ଡା, ରଙ୍ଗଥଳି, ଦୋମୁହାଣୀ, ରଘୁନାଥପୁର,ମୋହନପସୀ, ଦଦରାଘାଟି, କଲୋନୀ ୧, କଲୋନୀ ୨, କଲୋନୀ ୩, କଲୋନୀ ୪ ର ଛାତ୍ରଛାତ୍ରୀମାନେ ଦୈନ୍ୟଦିନ ପରଜଙ୍ଗ ମହାବିଦ୍ୟାଳୟକୁ ଯା ଆସ କରିଥାନ୍ତି ।ଗତ କିଛିଦିନ ହେବ ଲକ୍ଷ୍ମୀ ସଟି ଆଖୁଆପାଳ ପଞ୍ଚାୟତର ସୁଦୂର ଓ ଆଦିବାସୀ ଅଧୁଷିତ କଲେଜର ଛାତ୍ରଛାତ୍ରୀମାନଙ୍କୁ ବସରେ ନେବାପାଇଁ ଅରାଜି ହେବାରୁ ପାଠ ପଢା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ କଲେଜ ଛାତ୍ରଛାତ୍ରୀମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରାଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି କି ଦଦରାଘାଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଲକ୍ଷ୍ମୀ ସଟି ଚଳପ୍ରଚଳ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା

ଚାନ୍ଦବାଲି(ମହାଭାରତ) :ପବିତ୍ର ଗୁରୁଦିବସ ଅବସରରେ ଚାନ୍ଦବାଲି ବ୍ଲକର ଏକ ମାତ୍ର ଶିକ୍ଷୟତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହେଲେ ଶ୍ରୀମତୀ ସସ୍ମିତା ମହାନ୍ତି । ମତୋ କ୍ଲଷ୍ଟର ଅନ୍ତର୍ଗତ ଗୌଡୁଣୀ ପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ସସ୍ମିତା ମହାନ୍ତି ଏହି ପୁରସ୍କାର ପାଇବା ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ମହଲରେ ଖୁସିରଲହରୀ ଖେଳି ଯାଇଛି। ଆଜି ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସନାତନ ଜେନାଙ୍କ ସଭାପତିତ୍ୱରେ ପୁରସ୍କୃତ ପ୍ରାପ୍ତ ଶିକ୍ଷୟତ୍ରୀ ସସ୍ମିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ସି ଆର ସି ସି ବୀର ନାରାୟଣ ଦାସ ଯୋଗ ଦେଇ ଶିକ୍ଷୟତ୍ରୀ ସସ୍ମିତା ମହାନ୍ତି ଜଣେ ଦକ୍ଷ, ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷୟତ୍ରୀ ବୋଲି କହିଥିଲେ ।ଏହି ଅବସରରେ ବିଦ୍ୟାଳୟ ତରଫରୁ ତାଙ୍କୁ ଏକ ମାନପତ୍ର ,ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଚାନ୍ଦବାଲି ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ କଳାଦିବସ ପାଳନ

ଚାନ୍ଦବାଲି(ମହାଭାରତ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ସାରା ରାଜ୍ୟ ର ମହାବିଦ୍ୟାଳୟ ଗୁଡିକରେ ସଙ୍ଗ ର ନିଷ୍ପତି କ୍ରମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆ ଯାଇଥିଲା। ଏହି ପରିପେକ୍ଷୀରେ ଚାନ୍ଦବାଲି ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀମାନେ ୧୯ ଦିନ ହେଲା କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ବାରମ୍ବାର ଦାବି ପରେ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ର ଦାବିକୁ ସରକାର ନଶୁଣିବାରୁ ଆଜି ଗୁରୁଦିବସ କୁ କଳା ଦିବସ ଭାବେ ପାଳନ କରିଛନ୍ତି ରାଜ୍ୟ ବେସରକାରୀ ଅଧ୍ୟାପକ ସଂଘ ।ଏହି ପରିପେକ୍ଷୀରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟ ରେ ଜିଲ୍ଲାସ୍ତରୀୟ କଳାଦିବସ ପାଳନ କରାଯାଇଛି। ଏହି କଳାଦିବସ ରେ ଜିଲ୍ଲାର ବହୁ ଅଧ୍ୟାପକ କର୍ମଚାରୀ ସାମିଲ ହୋଇ କଳାବ୍ୟାଚ ପିନ୍ଧି କଲମ ଛାଡ଼ ଆନ୍ଦୋଳନ ରେ ଯୋଗ ଦେଇ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ୨୦୦୮ରୁ ୨୦୧୮ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ପାଇଁ ନାରା ଦେବା ସହ କହିଥିଲେ ପୂର୍ବ ସରକାର ପ୍ରତାରଣା କରିଥିଲେ ନୂଆ ସରକାର ଦାବି ଶୁଣିବେ ବୋଲି ଆଶା ଥିଲା କିନ୍ତୁ ନୂଆ ସରକାର ମଧ୍ୟ ପୁରୁଣା ସରକାର ପରି କିଛି ବି ଶୁଣୁନାହାନ୍ତି।

# ଘଣ୍ଟା ଘଣ୍ଟା ଅପେକ୍ଷା ପରେବି ଚାଷୀଙ୍କୁ ମିଳିଲାନି ୟୁରିଆ ସାର

## ପ୍ରତିବାଦ କରି ୨ ଘଣ୍ଟା ଧରି ମୁଖ୍ୟ ରାସ୍ତା ଅବରୋଧ କଲେ ଚାଷୀ

ଲାଞ୍ଜିଗଡ଼,(ମହାଭାରତ)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକରେ ୟୁରିଆ ସାରର ବର୍ତ୍ତମାନ ଅଭାବ ଦେଖା ଦେଇଛ ।ଆଜି ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତିରୁ ୟୁରିଆ ସାର ନେବାପାଇଁ ଆସିଥିବା ଶତାଧିକ ଚାଷୀ ଘଣ୍ଟା ଘଣ୍ଟା ଅପେକ୍ଷା କରି ସାର ନପାଇ ଅସନ୍ତୋଷ ପ୍ରକାଶ କରି ପୋଖରୀବନ୍ଧ- ଲାଞ୍ଜିଗଡ଼ ମୁଖ୍ୟ ରାସ୍ତା ୨ ଘଣ୍ଟା ଧରି ଅବରୋଧ କରିଥିଲେ। ଲାଞ୍ଜିଗଡ଼ ଦାଇତ୍ୱରେ ଥିବା ଅତିରିକ୍ତ ତହସିଲଦାର ସନ୍ଦୀପ ତିର୍କୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଆସନ୍ତା ବୁଧବାର ଦିନ ୟୁରିଆ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ରାସ୍ତାରୁ ଓହରି ଯାଇଥିଲେ ।ସୂଚନା ମତେ ବ୍ଲକର ବିଶ୍ୱନାଥ ପୁର ପ୍ରାଥମିକ କୃଷି ସମବାୟ ସମିତିରେ ୩୪୦ ବସ୍ତା ୟୁରିଆ ସାର ମହଜୁଦ୍ ଥିବା ବେଳେ ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ଆଜି ସକାଳ ୯ ଘଣ୍ଟା ସମୟରୁ ଆଧାର କାର୍ଡ ଧରି ଧାଡ଼ିରେ ଠିଆ ହୋଇ ଅପେକ୍ଷା କରି ଥିଲେ ।ହେଲେ ଚାଷୀଙ୍କୁ ପରେ ସାର ଯୋଗାଇବା ସମବାୟ ସମିତି ପକ୍ଷରୁ ସମ୍ଭବ ହୋଇନଥିଲା। ଚାଷୀମାନେ ଆଧାର କାର୍ଡ ଧରି ଘଣ୍ଟା ଘଣ୍ଟା ଅପେକ୍ଷା ପରେ ମଧ୍ୟ ସାର ମିଳି ନଥିଲା ।ଏହାପରେ ସମବାୟ ସମିତିର ପରିଚାଳକ ସାର କମ ପରିମାଣରେ ଥିବା ଯୋଗୁଁ ଚାଷୀଙ୍କୁ ବାଣ୍ଟିବା ସମ୍ଭବ ନୁହେଁ ବୋଲି ମନେକରି ସାର ଦେବା ପାଇଁ ମନା କରିବା ପରେ ଘଣ୍ଟା ଘଣ୍ଟା ସାର ନେବା ପାଇଁ ଉପସ୍ଥିତ ଥିବା ସମସ୍ତ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ ।ଏହା ପରେ ଚାଷୀ ପୋଖରୀ ବନ୍ଧ-ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସକାଳ ୧୧ ଘଣ୍ଟା ସମୟରେ



ଅବରୋଧ କରିଥିଲେ ।ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିବା ବେଳେ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ଦେଖା ଦେଇଥିଲା ।ଏହି ଖବର ପାଇ ଲାଞ୍ଜିଗଡ ଅତିରିକ୍ତ ତହସିଲଦାର ସନ୍ଦିପ ତିର୍କୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା ସମବାୟ ସମିତି ପକ୍ଷରୁ ଆସନ୍ତା ବୁଧବାର ଦିନ ୟୁରିଆ ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ପ୍ରାୟ ୨ ଘଣ୍ଟା ପରେ ରାସ୍ତାରୁ ଓହରି ଯାଇଥିଲେ। ଲାଞ୍ଜିଗଡ ବ୍ଲକରେ ଲାଞ୍ଜିଗଡ ରୋଡ଼, ଲାଞ୍ଜିଗଡ ଓ ବିଶ୍ୱନାଥ ପୁର ଠାରେ ସମବାୟ ସମିତି ରହିଥିବା ବେଳେ ଚାଷୀଙ୍କ ଅନୁପାତରେ ସାର ମିଳୁନାହିଁ ।ଯାହା ଫଳରେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥ ପୁର ସମବାୟ ସମିତି ଉପରେ ଚାଷୀ ନିର୍ଭର କରୁଛନ୍ତି ।ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆବଶ୍ୟକତାରୁ ଅଧିକ ଚାଷୀ ଆଜି ସାର ପାଇଁ ଆସିଥିବା ଯୋଗୁଁ ଏଭଳି ପରିସ୍ଥିତି ହୋଇଥିଲା ବୋଲି ସମବାୟ ସମିତିର ମୁଖ୍ୟ ପରିଚାଳକ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କର:ବିଧାୟକ

କେନ୍ଦ୍ରାପଡ଼ା,(ମହାଭାରତ): ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ସୁନାକାର ବେହେରା,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲ୍ଲାପାଳ ରଘୁରାମ ଆର ଆୟାର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ଏଡିଏମଓ




ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ, ଫାଇନାନସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ,ଡିପିଏମ ଏନଏଚଏମ, ଆସିଷ୍ଟାଣ୍ଟ ଇଂଜିନିୟର ବିଚିତ୍ର ମୋହନ ଜେନା,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସୁପେରିଟେଣ୍ଡେଣ୍ଟ, ବ୍ଲକ ଓ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଭିତ୍ତିଭୂମି, ଷ୍ଟାଫ ପଞ୍ଜିସନ ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମ, ଯୋଜନାଗୁଡିକ ଯେପରି ତୃଣମୂଳ ସ୍ତରକୁ ଯିବ ଏବଂ ଜନସାଧାରଣ ଜାଣିବା ସହିତ ଉପକୃତ ହେଇପାରିବେ। ସେଥିପ୍ରତି ଦୃଷ୍ଟି ଦେବାକୁ ମାନ୍ୟବର ବିଧାୟକ ଗଣ ସ୍ୱାସ୍ଥ୍ୟ ବିଭାଗର ଅଧିକାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡାକ୍ତର ସମସ୍ୟା, ଆମ୍ବୁଲାନ୍ସ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା, ସଠିକ ଭାବରେ ଭିଉକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ସଭାରେ ଡେପୁଟି ମ୍ୟାନେଜର,ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସବୁଜ ରଥ ମା ପାଇଁ ଗଛଟିଏକାର୍ଯ୍ୟକ୍ରମ

ଦଶପଲ୍ଲା,(ମହାଭାରତ): ବନ୍ୟ ପ୍ରାଣୀ ।ଣିଗୋଛା ପୂର୍ ଓ ମହାନଦୀ ବନ୍ୟ ଖଣ୍ଡ ପ୍ରାଣୀ ନୟାଗଡ଼ ତରଫରୁ ମା ପାଇଁ ଗଛ ଟିଏ ସବୁଜ ରଥ କାର୍ଯ୍ୟକ୍ରମ ନଛିପୁର ନର୍ସରୀ ଠାରୁ ଶୁଭ ଉଦଘାଟନ ହୋଇ ଘୁଗୁଡ଼ିପଡା ଗ୍ରାପ କାର୍ଯ୍ୟାଳୟ ରେ ଗଛ ପ୍ରଦାନ କାର୍ଯ୍ୟକ୍ରମ ରେ ଅତିଥି ଭାବେ କନ୍ଧମାଳ ସାଂସଦ ଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଯୋଗ ଦେଇଥିବା ବେଳେ ଘୁଗୁଡ଼ିପଡ଼ା ସରପଞ୍ଚ, ବିଜେପି କର୍ମୀ ଅନିରୁଦ୍ଧ ସାହୁ, ସ୍କୁଲ ର ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ସହିତ ମହାନଦୀ ବନଖଣ୍ଡର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବୃକ୍ଷ ହିଁ ଜୀବନ,ଗଛ ଗଛ ଗଛ ଆଉ ସବୁ ପଛ,ଏହି ମହାନ କାର୍ଯ୍ୟକୁ ମୋଦୀ ଓ ମୋହନ ସରକାର ଗୁରୁତ୍ୱ ଦେଇ କାର୍ଯ୍ୟ କରିଥିବାରୁ ଡବଲ ଇଞ୍ଜିନ ସରକାର ଙ୍କୁ ସାଧୁ ବାଦ ଦେବାସହ କୃତଜ୍ଞତା ଜଣାଇଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗରେ ପାଠ୍ୟ ଚକ୍ର ଆଲୋଚନା

ବିଷମକଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ସ୍ଥାନୀୟ ମା ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ବିଷମକଟକ ଠାରେ ଆଜି ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ପାଠ୍ୟଚକ୍ର ଆଲୋଚନା ଅନୁଷ୍ଠିତ ହୋଇଥିଲା। ଆଲାଚନା ଚକ୍ର ର ଶୀର୍ଷକ ଥିଲା ପ୍ରସ୍ତାବନା ଭାରତ ସମ୍ବିଧାନର ଆତ୍ମା ସଦୃଶ୍ୟ ଏହି ସଭା କୁ ପରିଚଳନା କରିଥିଲେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ବିକାଶ ୱାଡକା । ଅନୁଷ୍ଠାନର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ପଣ୍ଡା ଦ୍ୱିପ ପ୍ରଜ୍ୱଳନ ସହ ପ୍ରସ୍ତାବନାର ଇତିହାସକୁ ଆଲେଚନା କରିଥିଲେ। ଆଲୋଚନା ଚକ୍ର ର ମୁଖ୍ୟ ବକ୍ତା ଥିଲେ ଯୁକ୍ତ ଦୁଇ ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ରୀ ଚକ୍ରଧର କରକୋରିଆ, ସେ ସମ୍ବିଧାନରେ ପ୍ରସ୍ଥବନା ର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ ।

## ଓଡିଶା କୁଡୁମୀ ସେନା ପକ୍ଷରୁ ୫ଦଫା ସମ୍ବଳିତ ଦାବିପତ୍ର

କେନ୍ଦୁଝର,(ମହାଭାରତ):ଓଡିଶା କୁଡୁମୀ ସେନା ପକ୍ଷରୁ ଆଜି କେନ୍ଦୁଝର କାଳୀପଡିଆ ଠାରୁ ବହୁ ସଂଖ୍ୟକ କୁଡମୀ ସମାଜର ଭାଇଭଉଣୀମାନେ ଏକ ବିଶାଳ ଶୋଭାଯାତ୍ର ରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷବ ପଦର୍ଶନ କରିବା ସହିତ ୫ଦଫା ସମ୍ବଳିତ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୁପଦୀ ମୁର୍ମୁ ଙ୍କୁ ଦିଆଯାଇଛି ।ଓଡିଶାର ଦ୍ୱିତୀୟ ସଂଖ୍ୟା ଗରିଷ୍ଠ ଲାଭ କରିଥିବା ୩୦ ଲକ୍ଷ୍ୟ କୁଡୁମି ସମ୍ପ୍ରଦାୟ ବିଶେଷ ଚାଷ ଏବଂ ବନ୍ୟ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଥାବେଳେ ଏ ସମ୍ପ୍ରଦାୟଟି ବର୍ତ୍ତମାନ ଅବହେଳିତ ରହିଛନ୍ତି ବୋଲି ସଂଗଠନ ଦାବି କରିଛି ।ତେବେ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ପରେ ଓଡିଶାର ସଂଖ୍ୟାଗରିଷ୍ଠ କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ବର୍ଗ ପାଇଁ ଦାବି ଦିଆଯାଇଥିଲା ।ମାତ୍ର ବହୁ ସଂଘର୍ଷ ସଂଗ୍ରାମ,ଆନ୍ଦୋଳନ,ପ୍ରତିବାଦ ପରେ ମଧ୍ୟ ଆଦିବାସୀ ବର୍ଗରେ ତାଲିକାଭୁକ୍ତ କରାଯାଉନାହିଁ ।କୁଡୁମି ସମ୍ପ୍ରଦାୟକୁ ପୁଣିଥରେ ଆଦିବାସୀ ବର୍ଗରେ ସାମିଲ




କରିବାକୁ ଦାବି ହୋଇଛି ।ଦାବି ଗୁଡିକ ମଧ୍ୟରେ କୁଡୁମାଲି ଭାଷା କୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲି,କୁଡୁମାଲି ଭାଷା ରେ ପ୍ରଥମ ରୁ ପିଢି ପର୍ଯ୍ୟନ୍ତ ଶିକ୍ଷାଦାନ ପ୍ରଦାନୟ କୁଡୁମି ସମ୍ପ୍ରଦାୟ ଅଧିକୃତ ଜମିକୁ ପଟା ପ୍ରଦାନ ।ଛୋଟନାଗପୁର ଟେଣେନ୍ସି ଆକ୍ଟ କାର୍ଯ୍ୟକାରୀ,କୁଡୁମୀ ବିକାଶ ପରିଷଦ ଗଠନ ଆଦି ଦାବି ପୂରଣ ପାଇଁ ଦୃଷ୍ଟି ଆକର୍ଷଣ ସହ ଦାବୁ କରିଛି ଓଡିଶା କୁଡମୀସେନା।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଲେ ଲଳିତ ମୋହନ ମିଶ୍ର

ଗଜପତି(ମହାଭାରତ) : ଗଜପତି ଜିଲ୍ଲା ମୋହନା ବ୍ଲକ୍ ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଲଳିତ ମୋହନ ମିଶ୍ର, ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ତୃତୀୟ ଭାଷା ନିମନ୍ତେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି । ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟର ଏକ ବର୍ଣ୍ଣାଢ୍ୟ ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଏବଂ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ଏବଂ ଅନ୍ୟାନ୍ୟ ଅତିଥିଙ୍କ ଉପସ୍ଥିତରେ ସମ୍ମାନୀତ କରାଯାଇଥିଲା ।

## ଆସିକାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

## କେନ୍ଦୁପଦର ଗ୍ରାମରେ ଫାଙ୍କା ଗୁଳି ଚାଳନା ୩ଗୁରୁତର

ଆସିକା, (ନି.ପ୍ର) : ଗଞ୍ଜାମ ଜିଲା କୋଟିନଡ଼ା ଥାନା ଅନ୍ତର୍ଗତ ଜୟପୁର ପଞ୍ଚାୟତ କେନ୍ଦୁପଦର ଗ୍ରାମରେ ଗତକାଲି ଫାଙ୍କା ଗୁଳି ଚାଳନା ସହ ଦୁର୍ବୃ□ଙ୍କ ଖଣ୍ଡା ଚୋଟରେ ଗ୍ରାମର ୩ ଜଣ ଆହତ ହୋଇଛନ୍ତି । ଏହାକୁ ନେଇ କେନ୍ଦୁପଦର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରକାଶ ଥାଉକି ଗ୍ରାମର ବିଜ୍ଞାନ ବିଶ୍ୱାଳ ଓ ଅମର ମୁନୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ବଚସା ହୋଇଥିଲା। ଉକ୍ତ ଶତ୍ରୁତାକୁ କେନ୍ଦ୍ର କରି ସନ୍ଧ୍ୟା ୭ଟା ବେଳେ ୩ଟି ବାଇକରେ ପ୍ରାୟ ୮ ଜଣ ଯୁବକ ଗ୍ରାମରେ ପହଞ୍ଚି ଅମରଙ୍କୁ ଖୋଜିଥିଲେ । ଅମରଙ୍କୁ ନପାଇ ଦୁର୍ବୃ□ମାନେ ଗ୍ରାମର ଅଜିତ ବିଷୋୟୀ, ଚନ୍ଦନ ବିଷୋୟୀ ଓ ବଚନ ବିଷୋୟୀଙ୍କୁ ବିଜ୍ଞାନ ବିଶ୍ୱାଳ ବିଷୟରେ ପଚାରିଥିଲେ । ସେମାନେ ମନା କରିବାରୁ ଦୁର୍ବୃତ ମାନେ ପ୍ରଥମେ ୩ ରାଉଣ୍ଡ ଗୁଳି ଫୁଟାଇଥିଲେ। ଏହାପରେ ଅଜିତ, ଚନ୍ଦନ ଓ ବଚନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ଏହି ୩ ଜଣ ଆହତ ହୋଇଥିଲେ । ଏହା ଦେଖି ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇଯିବା ପରେ ଦୁର୍ବୃତମାନେ ଫେରାର ହୋଇ ଯାଇଥିଲେ । ଗ୍ରାମରେ ଆତଙ୍କରାଜ ଖେଳାଇଥିବା ଏହି ଦୁର୍ବୃ□ମାନେ ଛଟିନା ଗ୍ରାମରୁ ଭଡ଼ାରେ ଆସିଥିବା ଶୁଣିବାକୁ ମିଳିଛି । ଘଟଣାପରେ ପୁଲିସ ଗ୍ରାମରେ ପହଞ୍ଚି ଛାନଭିନ ଜାରି ରଖିଛି । ସନ୍ଦେହରେ ବିଜ୍ଞାନ ବିଶ୍ୱାଳଙ୍କ ପୁତୁରାଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି । ଆହତ ୩ ଜଣଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ଅନ୍ୟ ପଟେ କୋଟିନଡା ପୋଲିସ ଥାନା କେସ ନମ୍ବର ୩୩୫/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯଥାଶୀଘ୍ର ଆସାମୀ ମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଗତ ୨୦୦୫ ରୁ ୨୦୦୮ ମସିହା ସମୟରେ ଆସିକାରେ ସୁପାରୀକିଲର ମାନେ ରାଜ କରୁଥିଲେ। କଥା କଥାକେ ଆସିକା ରେ ଫୁଟୁଥିଲା ଗୁଳି ଗୁଳା ବୁଲୁଥିଲା ଖଣ୍ଡା କାତି। ଏହି ସମୟରେ ସୁପାରୀକିଲର ମାନଙ୍କ ଦ୍ୱାରା ଆସିକାର ବହୁ ବଡ଼ ବଡ଼ିଆଙ୍କ ମୁଣ୍ଡ ଗଡ଼ିଥିଲା। ସମ୍ପୂର୍ଣ୍ଣ ଆସିକା ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଥିଲା।

## ଅଟୋ କାର ମୁହାମୁହିଁ ଧକ୍କା, ତିନି ମୃତ, ତିନି ଗୁରୁତର

ଅନୁଗୋଳ(ମହାଭାରତ):ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ ନିକଟରେ ଅଟୋ କାର ମୁହାମୁହିଁ ଧକ୍କା, ତିନି ମୃତ, ତିନି ଗୁରୁତର ହୋଇଥିବା ଜଣା ପଡ଼ିଛି। ମୃତକ ମାନେ ହେଲେ ବଂଶୀଧର ସେଠି, କମଳା ସେଠି ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି (୩୦) ଓ ଗୁରୁତର ମାନେ ହେଲେ ସୁନିତା ସେଠି (୩୦), ପୁଅ ଶ୍ରୀ ସାଇ ସେଠି (୧୨),ବିଶ୍ୱସ୍ତିୟ ସୂଚନା ଯେ, ବାଲିମି ଥାନା ଅନ୍ତର୍ଗତ କାରନ୍ଦା ଅଞ୍ଚଳର ବଂଶୀଧର ସେଠି ଙ୍କ ଦେହ ଖରାପ ହେବାରୁ ଅନୁଗୋଳ ଚିକିତ୍ସାଳୟ କୁ ଦେହ ଦେଖାଇବା ପାଇଁ ଏକ ଅଟୋ ଯୋଗେ ବଂଶୀଧର ଙ୍କ ସ୍ତ୍ରୀ କମଳା ସେଠି, ବୋହୂ ସୁନିତା ସେଠି ଏବଂ ପୁଅ ଶ୍ରୀ ସାଇ ସେଠି କୁ ନେଇ ଚିକିତ୍ସାଳୟ କୁ ଆସିଥିଲେ। ଦେହ ଦେଖାଇବା ପରେ ବଂଶୀଧର ଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ କାରନ୍ଦା ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା।

# ଶହେ ବର୍ଷ ଗେରେଣ୍ଟି ବୃହତ୍ତମ ଫ୍ଲାଏ ଓଭର: ଦୁଇ ବର୍ଷ ରେ ଫାଟି ଆଁ

ଯୋଡ଼ା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ଠାରେ ନିର୍ମାଣ ହୋଇ ଥିବା ବୃହତ୍ତମ ଫ୍ଲାଇ ଓଭର ଏହାକୁ ଶହେ ବର୍ଷ ଗେରେଣ୍ଟି ଦିଆଯାଇ ଥିଲା ହେଲେ ଏବେ ଦୁଇ ବର୍ଷ ନ ପୁରୁଣୁ ଫ୍ଲାଇ ଓଭର ଅବସ୍ଥା ଥିରେ ଥିରେ ସାଘାତିକ୍ ହେବାରେ ଲାଗିଛି । ଦେଖିବାକୁ ଗଲେ ଜିଲ୍ଲା ଖଣିଜ ପାଣ୍ଠି ର ବ୍ୟୟ ଅଟକଳ ରେ ନିର୍ମିତ ଫ୍ଲାଏ ଓଭର ୨୫୮.୭୮ କୋଟି ଟଙ୍କା ବ୍ୟୟ ରେ ୨.୯୮୦ କିମି ଦୀର୍ଘତମ ଏହି ଫ୍ଲାଏ ଓଭର ଟି ତା ୧୧/୦୩/୨୦୨୪ ରିଖରେ ଭର୍ଚୁଆଲ ମାଧମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ଉଦ୍ଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ ।ଏହି ଉଦ୍ଘାଟନ ସମାରୋହ ରେ ଉପସ୍ଥିତ ଥିବା ଓବିସିସି ର ଚିଫ ଜେନେରାଲ ମ୍ୟାନେଜର ଅଜିତ ବାବୁ ,ଜେନେରାଲ ମ୍ୟାନେଜର ନରସିଂହ ମହାନ୍ତ କହିଥିଲେ ଯେ,ଏହି ଫ୍ଲାଏ ଓଭର ରେ ଲୁହା ବିୟରିଁ ପରିବର୍ତ୍ତେ ସ୍ୱତନ୍ତ୍ର ବିୟରିଂ ଲଗାଯାଇଛି ଓ ଉନ୍ନତ ଜ୍ଞାନ କୌଶଳ ରେ ଏହା ନିର୍ମାଣ କରାଯାଇଛି ।ଏହାର ସ୍ଥାୟୀବ ଶହେ ବର୍ଷ ବୋଲି କୁହାଯାଇଥିଲା ।ବର୍ତ୍ତମାନ ର ସ୍ଥିତି ଫ୍ଲାଏ ଓଭର ର ଅତ୍ୟନ୍ତ ଉଦ୍ବେଗ ଜନକ ।ଫ୍ଲାଏ ଓଭର ର ରାସ୍ତା ଫାଟି ଲୁହା ରଡ ବାହାର କୁ ବାହାରି ଯାଇଛି ।ଦୁଇ ରୁ ତିନି ଜାଗାରେ ଫାଟ ମଧ୍ୟ ସୃଷ୍ଟି ହୋଇଛି ।ଜଳ ନିଷ୍କାସନ ପାଇପ ଖସି ଲୋକେ ଆହତ ହେଲେଣି ।ପ୍ରତି ଦିନ ଫ୍ଲାଏ ଓଭର ରେ କିଛି ଅଞ୍ଚଳ କୁ ଆବଦ୍ଧ ରଖି ମରାମତି କାର୍ଯ୍ୟ କରାଯାଉଛି ।ଶୁକ୍ରବାର ଏହି ମରାମତି କାର୍ଯ୍ୟ କରୁଥିବା ଜଣେ ଶ୍ରମିକ ନାମକୁ ଗୋପନରେ ରଖି କହିଛନ୍ତି ଯେ,ଅନେକ ପୋଲ କାମ ସେ ଶ୍ରମିକ ଭାବେ କରିଛନ୍ତି ହେଲେ ଏହି ଯୋଡା ଫ୍ଲାଏ ଓଭର ରେ ଏକ ଭରିଯାନ ଚାଲି ଗଲେ କମ୍ପନ ସହିତ ଏକ ଅଲଗା ଅନୁଭୂତି ହେଉଛି ।ଯାହାକି ଭୟ ଲାଗୁଚି ।ତେଣେ ବୈଷୟିକ ବିଶେଷଜ୍ଞ କହିଛନ୍ତି ଯେ, ସମାନ ଭାବେ ଫ୍ଲାଏ ଓଭର ର ଛାତ ନିର୍ମାଣ ହୋଇ ନ ଥିବା ହେତୁ ୱେରିଂ କୋଟ ସମାନ ଭାବେ ପଡ଼ି ନାହିଁ ।ଯେଉଁଠାରେ ଭାଗ ପତଳା ରହିଛି,ସେହି ଠାରେ ଛାତ ଫାଟି ରଡ ଦିଶୁଛି । ଏ ସମ୍ପର୍କରେ କେନ୍ଦୁଝର ସାଂସଦ ପ୍ରତିନିଧି ବି ଏନ୍ ଦାସ କହିଛନ୍ତି ଯେ,ଉଦ୍ଘାଟନ ପାଇଁ ତତ୍ପରତା ତତ୍କାଳୀନ ସରକାର କାମ କୁ ଅସମ୍ପୂର୍ଣ୍ଣ କରି ତରବରିଆ ଭାବେ ଶେଷ କଲେ ।ଯାହାଦ୍ୱାରା କାମ ନିମ୍ନ ମାନର କରାଗଲା ।ଏଥିପାଇଁ ଫ୍ଲାଏ ଓଭର ଫୟଟିବୟ ଏବଂ ପିଲର ନିକଟରେ ଫାଟ ସୃଷ୍ଟି ହେବା, ବର୍ଷା ହେଲେ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଜଳ ପ୍ରପାତ ଭଳି ଫ୍ଲାଏ ଓଭର ରୁ ପାଣି ପଡ଼ିବା ପ୍ରଭୃତି ବ୍ୟତିକ୍ରମ ଦେଖା ଦେଉଛି ।ଯାହାକି ଯୋଡା ଜନସାଧାରଣ ଙ୍କୁ ଭୟାତୁର କରୁଛି ।ରାଜ୍ୟ ସରକାର ଏ ଦିଗରେ ଏକ ବୈଷୟିକ ବିଶେଷଜ୍ଞ ଦଳ ପଠାଇ ଏହାର ଯାଞ୍ଚ ଏବଂ ତଦାରଖ କରିବା ପାଇଁ ସେ ସରକାର ଙ୍କ ନିକଟରେ ଖୁବ୍ ଶୀଘ୍ର ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଗଲା ଘର; ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକ

ସେମିଳିଗୁଡ଼ା:(ମହାଭାରତ) କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ରେଙ୍ଗା ପଞ୍ଚାୟତ ମାଳିଗୁଞ୍ଜା ଗ୍ରାମର ଉମେଶ ଖିନବୁଢ଼ି (୪୧) ବୟସ ଲଗାଣ ବର୍ଷାରେ ଭାଙ୍ଗିଲା ଘର । ଗୋଟିଏ ପରିବାର ସଦସ୍ୟ ଶୋଇଥିବା ସମୟରେ ଘରର ମାଟି କାନ୍ଥ ହଠାତ ଖସିପଡିଥିଲା । ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ ।ଘର ଭାଙ୍ଗିଯିବା ପରେ ଏବେ କେଉଁଠି ରହିବେ ।ତାକୁ ନେଇ ଚିନ୍ତାରେ ପରିବାର ।ଘରେ ଏପରି ଘଟଣା ଘଟିଛି ଯେ ଲଗାଣ ବର୍ଷାରେ ଭାଙ୍ଗିଯାଇଛି । ବାରମ୍ବାର ସରପଞ୍ଚ, ସମିତି ସଭ୍ୟଙ୍କୁ ଗୁହାରି କଲେ ମଧ୍ୟ କୌଣସି ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରିନଥିବା ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ଉଭୟ ପରିବାରଙ୍କୁ ଘର ଯୋଗାଇବା ସହ ପ୍ରାଥମିକତା ଭିତ୍ତିରେ ଖୁବ୍ ଶୀଘ୍ର ଆବାସ ଗୃହ ଯୋଗାଇବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି ।

## ସେବା ପକ୍ଷ ପାଳନ ପାଇଁ ଭାଜପା ର ଜିଲ୍ଲାସ୍ତରୀୟ କର୍ମଶାଳା



ଜୁନାଗଡ଼ (ମହାଭାରତ)କଳାହାଣ୍ଡି ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଙ୍କ ଅଧ୍ୟକ୍ଷତା ରେ ଜୁନାଗଡ ଟାଉନ୍ ହଲ୍ ଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ କର୍ମଶାଳା ରେ ଜିଲ୍ଲା ପ୍ରଭାରୀ ତଥା ସେବା ପକ୍ଷ ର ରାଜ୍ୟ ସଂଯୋଜକ ରମେଶ ସାହୁ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଥିଲେ,ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ମନୋଜ ମେହେର, ମୁକେଶ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ, କନିଷ୍ଠ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ଚଳିତ ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମ ଦିନ ଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶ ବ୍ୟାପି ସେବା ପକ୍ଷ ପାଳନ କରାଯିବ ,ଏହି ସେବା ପକ୍ଷ ରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଦଳ ସ୍ଥିର କରିଛି ଯଥା ବୃକ୍ଷ ରୋପଣ,ରକ୍ତ ଦାନ ଶିବିର,ସ୍ୱାସ୍ଥ୍ୟ ଶିବିର ,ମୋଦୀ ବିକାଶ ମାରାଥନ , ଲୋକାଲ ଫର ଭୋକାଲ ,ପଣ୍ଡିତ ଦିନୟାଲ ଜୟନ୍ତୀ,ଗାନ୍ଧୀ ଜୟନ୍ତୀ ,ସାଂସଦ କ୍ରୀଡା ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ କୁ ନେଇ ସେବା ପକ୍ଷ ଅନୁଷ୍ଠିତ ବୁହେବ,ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ କଳାହାଣ୍ଡି ସାଂଗଠାନିକ ଜିଲ୍ଲା ର ୪୧ ଗୋଟି ମଣ୍ଡଳ ର କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇ ଅଛି।

## ସିପିପି ବସ୍ତି ଉଚ୍ଛେଦ ପାଇଁ ନୋଟିସ୍ ଜାରି,ଆନ୍ଦୋଳନ ଚେତାବନୀ ଦେଇଛନ୍ତି ବସ୍ତି ବାସିନ୍ଦା

ଅନୁଗୋଳ(ମହାଭାରତ):ନାଲକୋ ସିପିପି ପ୍ଲାଣ୍ଟ ସମୁଖ ଟାଙ୍କି ହଟିଂ ବସ୍ତି ଉଚ୍ଛେଦ ପାଇଁ ନାଲକୋ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ବସ୍ତି ଛାଡ଼ିବାକୁ ଅଧିବାସୀଙ୍କୁ ନୋଟିସ୍ ହୋଇଥିବାରୁ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଚଳିତ ମାସରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ସିପିପି ସମ୍ପ୍ରସାରଣ ହେବାକୁ ଥିବା ବସ୍ତିରେ ବୁଲି ଦେଖିଥିଲେ । ନାଲକୋ ପ୍ଲାଣ୍ଟର ମୂଳଦୁଆ କାର୍ଯ୍ୟ ଆରମ୍ଭ କରିଥିବା ଶ୍ରମିକମାନେ ସିପିପି ପ୍ଲାଣ୍ଟ ସାମ୍ନାରେ ଥିବା ଖୋଲାମେଲା ପରିତ୍ୟକ୍ତ ପଡ଼ିଆରେ ଆଶ୍ରୟ ନେଇଥିଲେ କ୍ରମେ ଏହା ସିପିପି ଟାଙ୍କି ହଟିଂ ଭାବେ ପରିଚିତ ହେଲା ଏହି ବସ୍ତିରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ନେତା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଛନ୍ତି। ୪୦ ବର୍ଷରୁ ଅଧିକ ସମୟ ହେଲା ଲୋକେ ଏଠାରେ ବସବାସ କରିଛନ୍ତି। ସରକାରୀ ଯୋଜନାରେ ଆଧାର କାର୍ଡ, ରାସନ କାର୍ଡ, ଭୋଟରକାର୍ଡ, ଜନ୍ମମୃତ୍ୟୁ ପ୍ରମାଣପତ୍ର ଆଦି ପ୍ରାପ୍ତ ହୋଇଛି ।ସର୍ବଶିକ୍ଷା ଅଭିଯାନ ଯୋଜନାରେ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଟୀକା କରଣ କେନ୍ଦ୍ର, କୋଭିଡ, ମ୍ୟାଲେରିଆ,ଫାଲେରିଆ ନିରାକରଣ ଯୋଜନାରେ ବସ୍ତିବାସିନ୍ଦା ଉପକୃତ ହେଉଛନ୍ତ। ନାଲକୋ ମଧ୍ୟ ସେମାନଙ୍କ ପାଇଁ ସହାୟତା ପ୍ରଦାନ କରିଆସୁଛି। ଜଳଯୋଗାଣ ବିଭାଗ ପକ୍ଷରୁ ପିଇବା ପାଣି ପାଇଁ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା, ଉକ୍ତ ଟାଙ୍କିଟି ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଅଚଳ ହୋଇପଡ଼ିବାରୁ ସିପିପି ପ୍ଲାଣ୍ଟ ପରିସରରୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ଏବଂ ବିଦ୍ୟୁତ ସପ୍ଲାଇ ମଧ୍ୟ ହୋଇଛି । ଏଠାର ପ୍ରାୟ ୭୦୦ ପରିବାରର ବସ ବାସ କରୁଛନ୍ତ। ଅଙ୍ଗନବାଡ଼ି କେନ୍ଦ୍ରରେ ୨୦ରୁ ଅଧିକ ଶିଶୁଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୦୦ ଛାତ୍ରଛାତ୍ରୀ ସିପିପି ମୁଣ୍ଡା ହଟିଂ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ।ସମସ୍ତ ସୁବିଧା ଦେଖିବା ପରେ ବସ୍ତିଟି ଏକ ପ୍ରକାର ସରକାରୀ ସ୍ୱୀକୃତିପ୍ରାପ୍ତ ବୋଲି ମନେ ହେଉଥିବାବେଳେ ନାଲକୋ କାରଖାନା ସମ୍ପ୍ରସାରଣ କରିବା ଲକ୍ଷ୍ୟରେ ଉକ୍ତ ବସ୍ତିକୁ ଉଚ୍ଛେଦ କରିବାକୁ ଉଦ୍ୟମ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଆମକୁ ନାଲକୋ ପ୍ଲାଣ୍ଟ ପାଖାପାଖି ଅଞ୍ଚଳର କୌଣସି ଏକ ସ୍ଥାନରେ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେଇ ସ୍ଥାନାନ୍ତର କରାଯାଉ, ନଚେତ ବଳପୂର୍ବକ ଉଚ୍ଛେଦ କରାଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

କେନ୍ଦୁଝର,(ମହାଭାରତ)ଜିଲ୍ଲାର ସୁନାମଧନ୍ୟ ଶିକ୍ଷା ଅନୁଷ୍ଠାନ ପିଏମଶ୍ରୀ ଧନୁର୍ଜ୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅନନ୍ତ ଚରଣ ନାଏକଯୋଗ ଦେଇ ଶିକ୍ଷକ ମାନଙ୍କ ଅବଦାନ ଦେଶ ଗଠନରେ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ ।ସମ୍ମାନିତ ଅତିଥି ଭାବେ ମାନ୍ୟବର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅଭିଭାଷଣ ରଖିଥିଲେ।

# ଭରା ନଈରେ ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ରେ ପୁଣି ଜନନୀ ଯନ୍ତ୍ରଣାୟ ଗାଁ କୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ ସେବା।କନ୍ଧମାଳ ଜିଲ୍ଲାରେ ବର୍ଷା ଲାଗିରହିଥିବା ହେତୁ ନଦୀ ଗୁଡିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ।ଭରା ନଦୀରେ ବିପଦଶଙ୍କୁଳ ଭାବେ ଜଣେ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚର ରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି ସ୍ଥାନୀୟ ଗ୍ରାମବାସୀ । କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଂଚାୟତ ର ଗୁଡରୀ ପଡ଼ି ଗାଁ କୁ ଆଜି ପର୍ଯ୍ୟନ୍ତ ଖଣ୍ଡିଏ ପକ୍କା ରାସ୍ତା ,ପୋଲ ନିର୍ମାଣ ହୋଇପାରି ନାହିଁ । ସୂଚନା ଅନୁଯାୟୀ ଆଜି ଗୁଡ଼ରୀପଡ଼ି ମୁରଡ଼ି ଗ୍ରାମର ନନ୍ଦିନୀ ପ୍ରଧାନ (୨୬) ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସ ଗାଡ଼ି କୁ ଯୋଗାଯୋଗ କରିଥିଲେ କିନ୍ତୁ ଗାଁ କୁ ଗାଡ଼ି ଯାଇ ପାରିବ ନାହିଁ ବୋଲି ଆମ୍ବୁଲାନ୍ସ ଗାଡ଼ି ଚାଳକ ରୋକ ଠୋକ ମନା କରିଥିଲେ। ଅନ୍ୟ ଉପାୟ କିଛି ନ ପାଇ ଗ୍ରାମବାସୀଙ୍କ ସହାୟତାରେ ଭରା ନଦୀରେ ଆମ୍ବୁଲାନ୍ସ ଗାଡ଼ିର ଷ୍ଟେଚର ରେ ଭାର କରି ନନ୍ଦିନୀ ପ୍ରଧାନ ଙ୍କୁ ଆମ୍ବୁଲାନ୍ସ ନିକଟ ରେ ପହଞ୍ଚାଇ ଥିଲେ । ବର୍ତ୍ତମାନ ନନ୍ଦିନୀ ପ୍ରଧାନ କ ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଛନ୍ତି ଓ ସୁସ୍ଥ ଥିବା ସୂଚନା ମିଳିଛି ।ଆଗରୁ ଗ୍ରାମବାସୀ ମାନେ ରାସ୍ତା, ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବୀ ଜଣାଇଥିଲେ ମଧ୍ୟ କେହି ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରିନଥିବା ଅଭିଯୋଗ ହେଉଅଛି ।କନୂଆଗାଁ ଓ ଗୁଞ୍ଜିବାଡୀ କୁ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ା ହେଉ କିମ୍ବା ଲୋକମାନଙ୍କ ସଉଦା କରିବାକୁ ହେଲେ ଏହି ଭରା ନଦୀରେ ପାର ହେବା ଏକ ମାତ୍ର ମାଧ୍ୟମ ବୋଲି କହିଛନ୍ତି ଗ୍ରାମବାସୀ ।କେବେ ସରକାର, ପ୍ରଶାସନ ଏହି ଗ୍ରାମ ବାସୀଙ୍କ କଥା ଶୁଣିବ ତାହା ଦେଖିବାକୁ ବାକି ରହିଲା ।

## କେନାଲ ଭାଙ୍ଗିଲା ଚାଷୀ ହତାଶ



କଲ୍ୟାଣସିଂହପୁର(ମହାଭାରତ): -ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧମୁଣୀପଙ୍ଗା ପଞ୍ଚାୟତ ହାତୀମୁଣ୍ଡ ଗାଁ ର ପାଣି ପଞ୍ଚାୟତ-୧ ନମ୍ବର ମୁଖ୍ୟ କେନାଲ ଆରଡ଼ି-୪୩୦୦ ଅଣ୍ଡର ଟନେଲରେ ଥିବା ଛାତ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଥିବା ହେତୁ ପାଣି ଯାଉଥିବା ମୁଖ୍ୟ କେନାଲ ଚାଷ ଜମିକୁ ଜଳ ସଚିତ ହେଇ ପାରୁନାହିଁ,ଯାହା ଫଳରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ସୃଷ୍ଟି ହେଇଛି, ହାତୀମୁଣ୍ଡା ଏମଆଇରେ ତିନୋଟି ପାଣି ପଞ୍ଚାୟତ ରହିଥିବା ବେଳେ ୧୬ ହେକ୍ଟର ଜମି ରହିଛି। ଯଉଟା କି କଲ୍ୟାଣସିଂହପୁର ବ୍ଲକ ର ଭାତ ହାଣ୍ଡି କୁହା ଯାଉଥିବା ବେଳେ ପାଣି ପଞ୍ଚାୟତ ୧ ନମ୍ବର ର ଚାଷୀମାନେ ବାରମ୍ବାର ଅଭିଯୋଗ କଲା ପରେ ବିଭାଗ ପକ୍ଷରୁ ଅଧିକାରୀ ମାନେ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିଲା ପରେ ପାଣି ପଞ୍ଚାୟତ ତରଫରୁ ଭାଙ୍ଗି ଯାଇଥିବା କେନାଲ ହିଡ଼ରେ ବାଲି ବସ୍ତା ଦେଇ ଚାଷ ଜମିକୁ ଜଳ ସଚିତ କରିବା ଦେଖିବା ମିଳିଛି, ପୂର୍ବରୁ ମୁଖ୍ୟ କେନାଲ ୧୮ ଫୁଟ ଥିବା ବେଳେ ଭାଙ୍ଗି ଯିବା ହେତୁ ବର୍ତ୍ତମାନ ୫ ଫୁଟ ରେ ପାଣି ଯାଉଥିବା ବେଳେ କିଛି ଜମିକୁ ଜଳ ସଚିତ ହେଉଥିବା ବେଳେ ଆଉ କିଛି ଜମିକୁ ଜଳ ସଚିତ ହେଇ ପାରୁ ନାହିଁ,ଜଦି ପ୍ରବଳ ବର୍ଷା ହୁଏ ହିଡ଼ରେ ଦେଇଥିବା ବାଲି ବସ୍ତା ଗୁଡିକ ସମ୍ପୂର୍ଣ୍ଣ ଧୋଇ ହୋଇଗଲେ ଚାଷ ହୋଇଥିବା ଧାନ ଜମି ଗୁଡିକ ମରୁଡି ହୋଇଯିବ ବୋଲି,ପାଣି ପଞ୍ଚାୟତ ସଭାପତି କାରଗାମ ନାରସିଙ୍ଗୁଲୁ, ସମ୍ପାଦକ ରବି ନାୟର,ବସନ୍ତ କୁନାକା, କଞ୍ଚାକା ରାଇମାଣୀ, ବଗି କୁନାକା, ଚଇତି ହିକକା, ପ୍ରସ୍କା ରାମରାଓ, ପ୍ରମୁଖ ଚାଷୀ ମାନେ ଅଭିଯୋଗ କରିଥିବା ବେଳେ ଭାଙ୍ଗି ଯାଇଥିବା କେନାଲ ଗୁଡିକ ନୂତନ ନିର୍ମାଣ କଲେ ଚାଷୀ ଉପକୃତ ହେବେ।

## ଗୋଲାମୁଣ୍ଡା ରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ଗୋଲାମୁଣ୍ଡା, (ମହାଭାରତ) ଆଜି ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ବିଗତ ଦିନର ବ୍ଲକରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ତ୍ରିପରୁ ମହାନନ୍ଦ ଓ ଏବିଡିଓ ବିଜୟ କୁମାର ନାୟକ, ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ,କିରଣ ସିଂ, ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ,ଉଦେସୁରୁଙ୍ଗ ସମିତି ସଭ୍ୟ ଚୈତନ୍ୟ ମାଝୀ, ଖଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଲ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ଅବଶରରେ ପୂର୍ବତନ ବିଡିଓ ଶ୍ରୀଧର ପଣ୍ଡା,ଏସଓ ମନୋଜ କୁମାର ଠାକୁର,ଜିପିଡିଓ ରମିତ କୁମାର ପ୍ରଧାନ,ବିପିଏମଓଏଲଏମ ସୁଧାଂଶୁ ଶେଖର ବିଶ୍ୱାଳ,ଏସଆରଏ ନବୀନ ମାଝୀଙ୍କୁ ଓପଢୌକନ ସହିତ ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା। ବିଦାୟୀ ବିଡିଓ ସହିତ ସମସ୍ତ କର୍ମଚାରୀ ଗୋଲାମୁଣ୍ଡା ବ୍ଲକରେ ବିତାଇ ଥିବା ତାଙ୍କ ସ୍ମୃତି ଉଜାଗର କରିବା ସହିତ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହିତ ତାଙ୍କ ସହିତ ହାତମିଳାଇ ବ୍ଲକର ଅନେକ ବିକାଶ ମୁଖୀ କାର୍ଯ୍ୟ ଗୁଡିକୁ ସୂଚାରୁ ରୁପେ ଆଗେଇ ନେଇଥିବା ନେଇ ବକ୍ତବ୍ୟ ରଖିଥିଲେ।

## ହାତୀ ଆକ୍ରମଣରେ ଛେଳି ଚରାଳି ଗୁରୁତର

ଯୋଡ଼ା(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ବଡ଼ବିଲ ରେଞ୍ଜ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ରଣାଶାଳ ନିକଟ ହାଣ୍ଡିପାଣି ଅ□ଳରେ ଏକ ଦନ୍ତା ହାତୀ ଆକ୍ରମଣ ରେ ଛେଳି ଚରାଳି ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ବ୍ୟକ୍ତି ହେଲେ ଯୋଡ଼ା ଥାନା ବନେଇକଳା ବସ୍ତିର କରଣ ନାଏକ(୫୫) ।ଶୁକ୍ରବାର ସକାଳେ ସେ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବାବେଳେ, ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀଟି ତାଙ୍କୁ ଟେକି କଚାଡ଼ି ଦେବା ସହ ବାମ ପେଟ ଛାତିତଳକୁ ଦାନ୍ତ ରେ ଭୂଷି ଦେଇଥିଲା, ଯାହାଫଳରେ ସେ ସଙ୍କଟାପନ୍ନ ଅବସ୍ଥାରେ ସେଠାରେ ପଡ଼ି ରହିଥିଲେ। ପରେ କିଛି ସ୍ଥାନୀୟ ଲୋକ ଜଙ୍ଗଲକୁ ଜାଳେଣୀ କାଠ ସଂଗ୍ରହ ପାଇଁ ଯାଇଥିବାବେଳେ ତାଙ୍କୁ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସୂଚନା ପାଇ ପରିବାର ଲୋକେ ବନ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ, ମାତ୍ର ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ସ୍ଥାନାନ୍ତର କରାଯାଇ ଥିବା ଆହତ ତପନ ନାଏକ କହିଛନ୍ତି ।ସୂଚନା ଯୋଗ୍ୟ ଯେ,ଯୋଡା ଓ ବଡ଼ବିଲ ଅ□ଳରେ ବ୍ୟାପକ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି ।ମଙ୍ଗଳ ବାର ହାତୀ ଉପଦ୍ରବ ରେ ଝୟଡ଼ଗାଁ ଅଞ୍ଚଳରେ ୧୦ ବଖରା ଘର ଭାଙ୍ଗି ଯାଇଥିଲା ।ପୁଣି ଶୁକ୍ରବାର ଛେଳି ଚରାଇବା ପାଇଁ ଯାଇଥିବା କରଣ ନାଏକ ହାତୀ ଆକ୍ରମଣ ର ଶିକାର ହୋଇ ଥିଲେ ।ଯୋଡା ବଡ଼ବିଲ ଅଞ୍ଚଳ ର ଘଞ୍ଚ ଜଙ୍ଗଲକୁ ହାତୀ ପଲ ପ୍ରବେଶ କରୁ ନାହାନ୍ତି ।ହାତୀ ଖାଦ୍ୟ ଅନ୍ୱେଷଣ ରେ ଗ୍ରାମାଭିମୁଖି ହେଉଥିବା ବେଳେ ଖଣି ର ବାରୁଦ ବିସ୍ଫୋରଣ ,ଯନ୍ତ୍ର ର ବିକଟାଳ ଶବ୍ଦ ସହିତ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁ ଆଲୋକ ହାତୀ ପଲ ଙ୍କୁ ଇତଃସ୍ତତ କରୁଛି। ରୋଇଡୟ, ଝରଣ,ଗୁରୁ ତୁଆଁ, କମଳପୁର,ଗୁରୁବେଡ଼ା,ଖଣ୍ଡ ବନ୍ଧ, ମୟଲଦୟ,ଗୁଆଲି,ସିଦ୍ଧମଠ,ପ୍ରଭୃତି ଅଞ୍ଚଳ ର ଲୋକେ ସନ୍ଧ୍ୟା ହେଲେ ହାତୀ ଭୟ ରେ ତାଟି କବାଟ ବନ୍ଦ କରି ରଖୁଛନ୍ତି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପୁରସ୍କାର ରେ ସମ୍ମାନିତ ହେଲେ ବିଷ୍ଣୁପଦ ସାର

କପ୍ତିପଦା-(ମହାଭାରତ): କପ୍ତିପଦା -ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁଦିବସରେ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଶିକ୍ଷକ ମାନଙ୍କୁ ପୁରସ୍କୃତ କରାଯାଇଛି । କପ୍ତିପଦା ବ୍ଲକ ଅନ୍ତର୍ଗତ ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ବିଷ୍ଣୁପଦ ଆଚାର୍ଯ୍ୟ ବ୍ଲକ ରୁ ୨୦୨୫ ରେ ଏକମାତ୍ର ମାଧ୍ୟମିକ ଶିକ୍ଷକ ହିସାବରେ ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନ ରେ ମାନ୍ୟବର ଜିଲ୍ଲାପାଳ ଶ୍ରୀଯୁକ୍ତ ହେମାକାନ୍ତ ସୋଏ ଙ୍କ ଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରସ୍ତୁତି, ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ପରିଚାଳନା ତଥା ଉନ୍ନତ ଶିକ୍ଷାଦାନ ପାଇଁ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କର ଏହି ସଫଳତା ର ଶ୍ରେୟ ସେ ସହକର୍ମୀ, ଶୁଭେଚ୍ଛୁ ସର୍ବୋପରି ତାଙ୍କର ପ୍ରିୟ ଛାତ୍ରଛାତ୍ରୀ ମାନଙ୍କୁ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରିବ ବିଜେପି

ଅନୁଗୁଳ (ମହାଭାରତ)ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କର ଜନ୍ମଦିନ ଆସନ୍ତା ସେପ୍ଟେମ୍ବର ୧୭ତାରିଖ ।ପ୍ରଧାନମନ୍ତ୍ରୀ ଙ୍କ ଜନ୍ମଦିନ ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରିବ ବିଜେପି ସମଗ୍ର ଦେଶରେ ବିଜେପି ପକ୍ଷରୁ ସେବା ପକ୍ଷ ପାଳନ କରାଯିବ ଆଜି ଶୁକ୍ରବାର ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ସେବାପକ୍ଷ ପାଳନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉକ୍ତ କର୍ମଶାଳା ରେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ଅଦ୍ୱିତୀୟ ନେତା ତାଙ୍କ ସମୟରେ ଭାରତ ବିକାଶ ର ଶୀର୍ଷ ରେ ପହଁଚିଛି କୋଟି କୋଟି ଭାରତୀୟ ଙ୍କର ହୃଦୟ ରେ ପ୍ରଧାନମନ୍ତ୍ରୀ ମୋଦି ସ୍ଥାନିତ ହୋଇ ପାରିଛନ୍ତି ତାଙ୍କ ଜନ୍ମଦିନ କୁ ବିଜେପି ପକ୍ଷରୁ ଧୂମଧାମ ରେ ପାଳନ କରାଯିବ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରାଯିବ ସ୍ୱଚ୍ଛ ଭାରତ, ରକ୍ତଦାନ ଶିବିର, ମଠ ମନ୍ଦିର ରେ ପୂଜାର୍ଚ୍ଚନା, ବିଭିନ୍ନ ପ୍ରଦର୍ଶନୀ, ଓ ବିଭିନ୍ନ ସେବା ମୂଳକ କାର୍ଯ୍ୟ କରାଯିବ ବୋଲି ଶ୍ରୀଯୁକ୍ତ ଖଟେଇ ପ୍ରକାଶ କରିଥିଲେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ସେବାପକ୍ଷ ଉପରେ କାର୍ଯ୍ୟକର୍ତା ଙ୍କୁ ମାର୍ଗଦର୍ଶନ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, କାର୍ଯ୍ୟକ୍ରମ ର ସଂଯୋଜକ ସୁଦିପ ଗଡ଼ନାୟକ, ସହ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ବସନ୍ତ ମଞ୍ଜରୀ ପ୍ରଧାନ ଓ ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ କର୍ମଶାଳା ରେ ନିଜର ବିଷୟ ଉପସ୍ଥାପନା କରିଥିଲେ ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା ପଦାଧିକାରୀ, ମଣ୍ଡଳ ର ଟୋଲୀ ତଥା ଶତାଧିକ ବରିଷ୍ଠ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କଳାହାଣ୍ଡି/ମହାଭାରତ: କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା ଆସନ୍ତା ୩୦ ସେପ୍ଟେମ୍ବର ୨୦୨୫ ରିଖ ଦିନ ଜିଲ୍ଲା ସଦର ମହକୁମା ଭବାନିପାଟଣାରେ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଁ ମାଣିକେଶ୍ରୀଙ୍କର ପ୍ରସିଦ୍ଧ ଛତର ଯାତ୍ରା ସଦର ମହକୁମା ଭବାନୀପାଟଣାଠାରେ କିପରି ଶାନ୍ତି ଶୃଙ୍ଖଳା ଭାବରେ ପାଳନ କରାଯିବ ଏବଂ ମାଁ ଙ୍କ ମନ୍ଦିରରେ ଠିକ ସମୟରେ ପହଞ୍ଚିବ ସେ ଦିଗରେ ସମସ୍ତଙ୍କର ପୂର୍ଣ୍ଣ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

## ଷ୍ଟ୍ରିଟ୍ ଲାଇଟ୍ ବିଜୁଳି ବିଲ୍ ନେଇ ହଟୁନି ଦ୍ୱନ୍ଦ୍ୱ

# ୪ କୋଟି ବାକି, ଆଦାୟ କରିବାକୁ କମ୍ପାନି ନାକେଦମ

ନୟାଗଡ଼, ( ମହାଭାରତ ) : ଷ୍ଟ୍ରିଟ୍ ଲାଇଟ୍ ବିଲ୍କୁ ନେଇ ବିଜୁଳି ବିତରଣ ସଂସ୍ଥା ଟିପିସିଓଡିଏଲ୍ ପାଇଁ ସମସ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ପ୍ରତ୍ୟେକ ବର୍ଷ ଏହି ବାକି ବଢ଼ି ଚାଲିଥିବାରୁ କମ୍ପାନି ପକ୍ଷରୁ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟକୁ ଟଙ୍କା ଆଦାୟ କରିବା ପାଇଁ ପ୍ରବଳ ଚାପ ପଡୁଛି। ଏବେ ବି ଜିଲ୍ଲାରେ ଷ୍ଟ୍ରିଟ୍ ଲାଇଟ୍ ବିଲ୍ ବାବଦକୁ ଗଡୁଥିବା ପ୍ରାୟ ଚାରି କୋଟି ଟଙ୍କାକୁ ନେଇ କମ୍ପାନି ଚିନ୍ତାରେ ପଡ଼ିଛି। ଯେମିତି ବି ହେଉ ନଗଦ ଟଙ୍କା ଆଦାୟ କରିବା ପାଇଁ କମ୍ପାନି ପ୍ରୟାସ ଜାରି ରଖିଥିଲେ ମଧ୍ୟ ବକେୟା ଟଙ୍କାକୁ ନେଇ କି ପଦକ୍ଷେପ ନିଆଯିବ, ଏ ନେଇ କର୍ତ୍ତୃପକ୍ଷଙ୍କ ମୁଣ୍ଡ କାମ କରୁନାହିଁ। ମିଳିଥିବା ସୂଚନା ମୁତାବକ, ଜିଲ୍ଲାରେ ଏବେ ଷ୍ଟ୍ରିଟ୍ ଲାଇଟ୍ ବିଲ୍ ବାବଦରେ କମ୍ପାନିକୁ ୩ କୋଟି ୬୪ ଲକ୍ଷ ୨୮ ହଜାର ୪୮୦ ଟଙ୍କା ବିଭିନ୍ନ ବ୍ଲକ୍ ପ୍ରଶାସନ ପଇଠ କରିବାକୁ ହେବ। ଭାପୁର ବ୍ଲକ୍ରେ ୧ କୋଟି ୯୩ ଲକ୍ଷ ୩ ହଜାର ୬୭୬ ଟଙ୍କା ବାକି ଗଡୁଥିବା ବେଳେ ଦଶପଲ୍ଲାରେ ୨୫ ଲକ୍ଷ ୪୪ ହଜାର ୮୧ ଟଙ୍କା, ଗଣିଆରେ ୧୮ ଲକ୍ଷ ୧୫ ହଜାର ୩୮୫ ଟଙ୍କା, ଖଣ୍ଡପଡ଼ାରେ ୬୨ ଲକ୍ଷ ୯୯ ହଜାର ୯୫୧ ଟଙ୍କା, ନୟାଗଡ଼ରେ ୪୬ ଲକ୍ଷ ୪ ହଜାର ୧୮୩, ନୂଆଗାଁରେ ୫୨ ଲକ୍ଷ ୩୫ ହଜାର ୪୮ ଟଙ୍କା, ଓଡ଼ଗାଁରେ ୫୨ ଲକ୍ଷ ୩ ହଜାର ୩୨ ଟଙ୍କା ଓ ରଣପୁରରେ ୩ ଲକ୍ଷ ୩୩ ହଜାର ୧୨୫ ଟଙ୍କା ବାକି ଗଡୁଛି। ବର୍ଷ ବର୍ଷ ଧରି ଏହି ବକେୟା ଟଙ୍କା ଗଡୁଥିବା ବେଳେ ଏ ଦିଗରେ ବ୍ଲକ୍ ପ୍ରଶାସନ କିଛି ବି ପଦକ୍ଷେପ ନେଉନଥିବା କମ୍ପାନି ଅଭିଯୋଗ କରିଛି। ଅନ୍ୟପଟେ, ଗାଁ ଗୁଡ଼ିକୁ ସହର ଭଳି ଚମକାଇବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟ୍ରିଟ୍ ଲାଇଟ୍ ଯୋଜନା କରାଯାଇଥିଲାୟ ମାତ୍ର ପାଞ୍ଚ ମାସରେ ଜିଲ୍ଲାର ୫୦% ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଥିଲା। ଯେଉଁ ସଂସ୍ଥା ଏହି ଷ୍ଟ୍ରିଟ୍ ଲାଇଟ ଲଗାଇଥିଲା, ଏହାର ମରାମତି ସେ କରିନଥିଲା। ଏବେ ଉକ୍ତ ସଂସ୍ଥାକୁ ଆଉ ଦେଖିବାକୁ ମିଳୁନାହିଁ। ଏପଟେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ପଞ୍ଚାୟତ ଗୁଡ଼ିକ ପକ୍ଷରୁ ବ୍ଲକ୍ ପ୍ରଶାସନ ଆଗୁଆ ଟଙ୍କା ପଇଠି କରିଥିଲା। ଯେହେତୁ ଏବେ ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଅଚଳ ହୋଇପଡ଼ିଥିଲା, ସେଥିପାଇଁ ପଞ୍ଚାୟତ ଗୁଡ଼ିକ ବ୍ଲକ୍କୁ ଟଙ୍କା ପଇଠ କରୁନଥିଲେ। ଏଣୁ ଏତେ ଟଙ୍କାରେ ବାକି ପଡ଼ିଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାରେ ରହିଛି ୧୯୪ ପ□ାୟତ ପ୍ରତି ପଞ୍ଚାୟତରେ ୪୦ଟି ଲେଖାଏଁ ଲାଗିଥିବାରୁ ସମ୍ପୂର୍ଣ୍ଣ ଜିଲ୍ଲାରେ ମୋଟ୍ ୭ ହଜାର ୭୬୦ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଛି। ଅଚଳ ହୋଇଯାଇଥିବା ଷ୍ଟ୍ରିଟ ଲାଇଟ୍ ଗୁଡ଼ିକର ମଧ୍ୟ ଟିପିସିଓଡିଏଲ୍ ବିଲ୍ ଆଦାୟ କରିଥିବା ଏବେ ସମସ୍ତ ବ୍ଲକ୍ ଓ ନୟାଗଡ଼ ପୌର ପ୍ରଶାସନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ କମ୍ପାନି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର କୁହନ୍ତି ଯେ, ଯେହେତୁ ଷ୍ଟ୍ରିଟ୍ ଲାଇଟ୍ ପାଇଁ କୌଣସି ମିଟର୍ ଲାଗୁ ନାହିଁ। ସେଥିପାଇଁ ପ୍ରତି ଖୁଣ୍ଟ ପିଛା ଦର ଧାର୍ଯ୍ୟ କରାଯାଇଛି। ଯେଉଁ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହେଉଛି, ଏହାର ମଧ୍ୟ ବିଲ୍ ପ୍ରତ୍ୟେକ ମାସରେ ଆସୁଛି। ଅଚଳ ଷ୍ଟ୍ରିଟ୍ ଲାଇଟ୍ ବିଲ୍ କାଟିବା ଅଧିକାର ସେମାନଙ୍କ ନିକଟରେ ନାହିଁ। ଏ ଦିଗରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି, ସେମାନଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

# ଉତ୍ତର ଭାରତର ବିଭିନ୍ନ ଅଞ୍ଚଳ ଜଳମଗ୍ନ ରାଜୌରି ଓ ହିମାଚଳରେ ପୁଣି ଭୂସ୍ଖଳନ

**ପଞ୍ଜାବ :** ପଞ୍ଜାବ ଏବେ ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଛି । ରାଜ୍ୟରେ ବନ୍ୟା ମୃତ୍ୟୁସଂଖ୍ୟା ଆଜି ୪୩କୁ ବୃଦ୍ଧି ପାଇଛି । ୨ ହଜାରରୁ ଅଧିକ ଗାଁ ପ୍ରଭାବିତ ହୋଇଛି । ସତଲେଜ ନଦୀର ପ୍ରଖର ସୁଅ ଯୋଗୁ ଲୁଧିଆନା ଜିଲ୍ଲାର ପୂର୍ବ ଅଞ୍ଚଳରେ ବାକ୍ରା ନଦୀବନ୍ଧ ପ୍ରବଳ ଚାପରେ ଥିବାରୁ ଲୁଧିଆନା ଜିଲ୍ଲା ପ୍ରଶାସନ ହାଇ ଆଲର୍ଟ ଜାରି କରିଛି । ବନ୍ଧ ଦୁର୍ବଳ ହେଉଥିବାରୁ ସରସାଲି, ବନ୍ତ, ରାଓ୍ୱତ, ହାଓ୍ୱସ, ସିରା, ବୁଥଗନ, ମଙ୍ଗଲି ତନ୍ଦା, ଧେରି, ଖୱାଜକେ, ଖାସି ଖୁର୍ଦ୍ଦ, ମଙ୍ଗଲି କଦର, ମାଛେଓ୍ୱାଡ଼ା, ମଙ୍ଗତ ଏବଂ ମେହରବାନ୍ ଗ୍ରାମ ଗୁଡ଼ିକ ଉପରେ ବଡ଼ ବିପଦ ରହିଛି । ଏହି ଗାଁରେ



ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଯିବାପାଇଁ ନିର୍ଦ୍ଦେଶ ଦିଆଯିବା ସହ ସର୍ବାଧିକ ସତର୍କତା ଅବଲମ୍ବନ କରିବାପାଇଁ କୁହାଯାଇଛି । ସେପଟେ ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀର ରଜୌରୀରେ ପୁଣି ଭୂସ୍ଖଳନ । ପ୍ରବଳ ବର୍ଷା ଯୋଗୁ ହିମାଚଳ ପ୍ରଦେଶର କିନ୍ନାଉର ନାଥପା ଡ୍ୟାମ୍ ନିକଟରେ ଭୂସ୍ଖଳନ ଘଟିଛି । ଏହା ବଡ଼ ଭୟଙ୍କର ଥିଲା । ଯାହାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ଘଟଣାସ୍ଥଳରେ ୫ ଜଣ ଉପସ୍ଥିତ ଥିଲେ । ସମସ୍ତେ ସୁରକ୍ଷିତ ଅଛନ୍ତି । ୫ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । କିଛିଦିନ ଧରି ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ବାରମ୍ବାର ଭୂସ୍ଖଳନ ହୋଇ ୩୫୫ରୁ ଅଧିକ ଜୀବନ ଯିବା ସହ ବ୍ୟାପକ କ୍ଷୟକ୍ଷତି ହେଲାଣି । ଜମ୍ମୁ-କାଶ୍ମୀର ରାଜୌରିରେ ଭୂସ୍ଖଳନ ଯୋଗୁ ବହୁ ଘର କ୍ଷତିଗ୍ରସ୍ତ ହେବା ସହ ରାସ୍ତା ନଷ୍ଟ ହୋଇଛି ।

## ଯାନ୍ତ୍ରିକ ତ୍ରୁଟି ଅଧାରୁ କୋଚି ଫେରିଲା ବିମାନ, ୧୮୦ ଯାତ୍ରୀ ସୁରକ୍ଷିତ




**କୋଚିଂ :** କେରଳର କୋଚି ବିମାନବନ୍ଦରୁ ଉଡ଼ାଣ ଭରିଥିବା ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମଝି ଆକାଶରୁ ଫେରିଆସିଛି । ବିମାନଟି କୋଚିରୁ ଆବୁଧାବିକୁ ଯାଉଥିଲା । ଉଡ଼ାଣ ଭରିବାର କିଛି ସମୟ ପରେ ତ୍ରୁଟି ଦେଖାଦେବାରୁ ବିମାନକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଫଳରେ ୧୮୦ ଯାତ୍ରୀଙ୍କ ଜୀବନ ବଞ୍ଚିଯାଇଛି । ଖବର ମୁତାବକ, ଇଣ୍ଡିଗୋ ବିମାନ ୬ଇ-୧୪୦୩ ଶୁକ୍ରବାର ରାତି ୧୧.୧୦ ମିନିଟ ସମୟରେ କୋଚିରୁ ଉଡ଼ାଣ ଭରିଥିଲା । ପ୍ରାୟ ୨ ଘଣ୍ଟା ଉଡ଼ାଣ ଭରିବା ପରେ ୧.୪୪ ମିନିଟର ବିମାନରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଜଣାପଡିଥିଲା । ଏହା ଜଣାପଡିବା ପରେ ବିମାନକୁ କୋଚି ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହି ବିମାନରେ ୧୮୦ ଜଣ ଯାତ୍ରୀ ସହିତ କ୍ରୁ ମେମ୍ବର ମଧ୍ୟ ରହିଥିଲେ । ସମସ୍ତ ଯାତ୍ରୀମାନଙ୍କୁ କୋଚି ବିମାନବନ୍ଦରରେ ଓହ୍ଲାଇ ଦିଆଯାଇ ରାତି ୩.୩୦ ମିନିଟରେ ଅନ୍ୟ ଏକ ବିମାନ ଜରିଆରେ ଆବୁଧାବିକୁ ପଠାଯାଇଥିଲା । ତେବେ ଇଣ୍ଡିଗୋ ତରଫରୁ ତତ୍କାଳ କୌଣସି ଟିପ୍ପଣୀ ଜାରି କରାଯାଇନଥିଲା । ସୂଚନାଯୋଗ୍ୟ, ଦୁଇଦିନ ତଳେ ଦିଲ୍ଲୀରୁ ମଧ୍ୟପ୍ରଦେଶ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନର ଇଂଜିନ ଖରାପ ହୋଇଯାଇଥିଲା । ଇଂଜିନ ଖରାପ ହେବା ଜଣାପଡିବା ପରେ ବିମାନରୁ ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲା । ଇଣ୍ଡିଗୋର ନାଗପୁର-କୋଲକାତା ବିମାନ ନମ୍ବର ୬ଇ୮୧୨ ପକ୍ଷୀ ସହ ଧକ୍କା ହୋଇଥିଲା । ପକ୍ଷୀ ସହିତ ଧକ୍କା ହେବା ପରେ ବିମାନଟି ଥରିବାକୁ ଲାଗିଥିଲା । ଏହା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ । ଯାତ୍ରୀମାନଙ୍କୁ ଶାନ୍ତ ରହିବାକୁ ନିବେଦନ କରାଯାଇଥିଲା । ପାଇଲଟ୍ ଉପସ୍ଥିତ ବୁଦ୍ଧି ଖଟାଇ ତୁରନ୍ତ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଥିଲେ । ବିମାନଟି ଜରୁରୀ ଅବତରଣ କରିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା ।

## ଅନିଲ ଅମ୍ବାନୀଙ୍କୁ ଠକ ଘୋଷଣା କଲା ବ୍ୟାଙ୍କ




**ନୂଆଦିଲ୍ଲୀ :** ବିଶିଷ୍ଟ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ପୁଣି ଏକ ଝଟକା ଲାଗିଛି । ବ୍ୟାଙ୍କ ଅଫ୍ ବରୋଦା ତରଫରୁ ଅନିଲ ଅମ୍ବାନୀ ଓ ରିଲିଆନ୍ସ କମ୍ୟୁନିକେସନ ଲିମେଟଡର ଆକାଉଣ୍ଟକୁ ଫ୍ରଡ ବୋଲି ଘୋଷଣା କରାଯାଇଛି । ଗୁରୁବାର ରାତିରେ ବ୍ୟାଙ୍କ ଅଫ୍ ବରୋଦା ଏହି ସୂଚନା ଏକ୍ସଚେଞ୍ଜ ସହିତ ସେୟାର କରିଛି । କହିରଖୁ କି ଗତ କିଛିମାସ ହେବ ଅନିଲ ଅମ୍ବାନୀଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ଏହି କ୍ରମରେ ବ୍ୟାଙ୍କ ଅଫ୍ ବରୋଦାର ଏହି ନିଷ୍ପତ୍ତି ଅନିଲ ଅମ୍ବାନୀଙ୍କ ପାଇଁ ଆହୁରି ଅଡୁଆ ବଢାଇଛି । ବ୍ୟାଙ୍କ ଅଫ୍ ବରୋଦା ତରଫରୁ ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନା ମୁତାବକ ବ୍ୟାଙ୍କ ବୋର୍ଡ ଅନିଲ ଅମ୍ବାନୀ ଓ ରିଲିୟାନ୍ସ କମ୍ୟୁନିକେସନ ପ୍ରାଇଭେଟ ଲିମିଟେଡର ଲୋନ ଆକାଉଣ୍ଟସକୁ ଫ୍ରଡ ଘୋଷଣା କରାଯାଇଛି । ସେପଟେ ଅନିଲ ଅମ୍ବାନୀ କହିଛନ୍ତି କି, ଏ ବାବଦରେ ସେ ଆଇନର ପରାମର୍ଶ ନେବେ ।

## ଲାଲକିଲ୍ଲା ପରିସରରୁ ସୁନା, ହୀରା ଲାଗିଥିବା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳସ ଚୋରି

**ନୂଆଦିଲ୍ଲୀ :** ଲାଲକିଲ୍ଲା ପରିସରରୁ ଏକ କୋଟି ଟଙ୍କାର କଳସ ଚୋରି ହୋଇଛି । ଲାଲକିଲ୍ଲା ପରିସରରେ ଏକ ଧାର୍ମିକ ଅନୁଷ୍ଠାନ ଚାଲିଥିବା ବେଳେ ସମସ୍ତେ ବ୍ୟସ୍ତ ଥିବା ବେଳେ ଏହି କଳସ ଚୋରି ହୋଇଥିବା ଜଣାପଡିଛି । ପୋଲିସ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି । ତେବେ ମାମଲାରେ ବିଏନଏସ ୨୦୨୩, ୩୦୩(୨) ଅଧିନରେ ଏଫଆଇଆର ଦାୟର କରାଯାଇଛି । ଖବର ମୁତାବକ, ନୂଆଦିଲ୍ଲୀରେ ଥିବା ଲାଲକିଲ୍ଲା ପରିସରରେ ଜୈନ ଧର୍ମର ଏକ କାର୍ଯ୍ୟକ୍ରମ ଚାଲିଥିଲା । ଏହି ସମୟରେ ଚୋର ସୁଯୋଗ ଦେଖି ଏକ କୋଟି ଟଙ୍କାରୁ ଅଧିକ ଦାମର ଏକ କଳସ ଚୋରି କରିନେଇଛି । ଏହି କଳସରେ ୭୬୦ ଗ୍ରାମର ସୁନା, ୧୫୦ ଗ୍ରାମର ହୀରା, ମାଣିକ, ମୋତି ଇତ୍ୟାଦି



ଲାଗିଥିଲା । ଏହି ଜୈନ କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲା ମଧ୍ୟ ଯୋଗ ଦେଇଥିଲେ । ତେବେ ଘଟଣାକୁ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିଦେଇଛି । ସିସିଟିଭି ଫୁଟେଜରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି କଏଦ ହୋଇଛି । ପୋଲିସ ସନ୍ଦିଗ୍ଧଙ୍କ ପରିଚୟ ଖୋଜି ଖୁବଶୀଘ୍ର ଗିରଫ କରିପାରେ ବୋଲି ଆଶଙ୍କା କରାଯାଉଛି । ଏହି କଳସକୁ ନେଇ ବ୍ୟବସାୟୀ ସୁଧିର କୁମାର ଜୈନ କହିଛନ୍ତି, ଏହି କଳସ ବହୁମୂଲ୍ୟ ଏବଂ ଚୋର ଧାର୍ମିକ ବେଶଭୂଷା ଧାରଣ କରି ଆସି ଏହାକୁ ଚୋରାଇ ନେଇଥିବା ଅନୁମାନ କରାଯାଉଛି ।

## ଟାରିଫ ପରେ ଭାରତ-ଆମେରିକା ସମ୍ପର୍କକୁ ନେଇ ବୟାନ ଦେଲେ ଟ୍ରମ୍ପ, କହିଲେ ମୋଦିଙ୍କ ସହ ଭଲ ବନ୍ଧୁ ହୋଇ ରହିବେ



**ନୂଆଦିଲ୍ଲୀ :** ଟାରିଫକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଜାରି ରହିଛି । ଏହାରି ମଧ୍ୟରେ ଟ୍ରମ୍ପ ମୋଦିଙ୍କ ସହିତ ଥିବା ତାଙ୍କର ସମ୍ପର୍କକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ସୂଚନାନୁଯାୟୀ, ଭାରତ-ଆମେରିକା ସମ୍ପର୍କ ଖୁବ୍ ସ୍ୱତନ୍ତ୍ର ଏବଂ ବର୍ତ୍ତମାନ ଟାରିଫକୁ ନେଇ ଚାଲିଥିବା ଉତ୍ତେଜନା ସତ୍ତ୍ୱେ ମୋଦି ଏବଂ ସେ ଭଲ ବନ୍ଧୁ ହୋଇ ରହିବେ ବୋଲି ଟ୍ରମ୍ପ ଓଭାଲ ଅଫିସରେ କହିଛନ୍ତି । ମୋଦିଙ୍କୁ ଖୁବ୍ ଭଲ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି । କିନ୍ତୁ ମୋଦି ଯାହା କରୁଛନ୍ତି ସେସବୁ ତାଙ୍କୁ ପସନ୍ଦ ନୁହେଁ ବୋଲି କହିଛନ୍ତି । ଏହା ସହିତ ଚିନ୍ତା କରିବାର କାରଣ କିଛି ନାହିଁ ବୋଲି ଟ୍ରମ୍ପ କହିଛନ୍ତି । ଏପରି ଉତ୍ତେଜନା କେବେ କେବେ ହୋଇଥାଏ, ଯାହା ଖୁବ୍ ସ୍ୱାଭାବିକ । ଏହା ବ୍ୟତୀତ ଟ୍ରମ୍ପ କହିଛନ୍ତି ଯେ, ଭାରତ ରୁଷରୁ ତୈଳ କିଣୁଥିବାରୁ ସେ ବହୁତ ନିରାଶ । ଯାହା ଫଳରେ ୫୦%ଟାରିଫ ଲାଗୁ କରାଯାଇଛି । କିନ୍ତୁ ମୋଦିଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି । ଆହୁରି ମଧ୍ୟ କହିଛନ୍ତି ଯେ, କିଛି ମାସ ପୂର୍ବରୁ ମୋଦି ଏଠାକୁ ଆସିଥିଲେ । ଭାରତ ଏବଂ ଅନ୍ୟ ଦେଶମାନଙ୍କ ସହ କିପରି ବାଣିଜ୍ୟ ଚାଲିଛି ପଚାରିବାରୁ ଟ୍ରମ୍ପ ୟୁରୋପୀୟ ସଂଘ ପ୍ରତି ନିରାଶ ବୋଲି କହିଥିଲେ । ଅନ୍ୟପଟେ ଭାରତ ରୁଷରୁ ତୈଳ କିଣି ପ୍ରଚୁର ଲାଭ କରୁଛି ବୋଲି ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତା ପିଟର ନାଭାରୋ କହିଥିଲେ । ଭାରତ ୟୁକ୍ରେନ ବିରୋଧରେ ରୁଷକୁ ଯୁଦ୍ଧରେ ସାହାଯ୍ୟ କରୁଛି ବୋଲି ମଧ୍ୟ କହିଥିଲେ । ଯାହା ବାଣିଜ୍ୟ ଦଳ ଏବଂ ରାଷ୍ଟ୍ରପତିଙ୍କୁ ନିରାଶ କରିଛି ।

## ୱାର୍ଡରଙ୍କୁ ହାତୁଡ଼ିରେ ପିଟି ଜେଲରୁ ଖସି ଗଲେ ୨ କଏଦୀ

**ଆନ୍ଧ୍ର ପ୍ରଦେଶ:** ଜେଲରେ ବିଚାରାଧୀନ କଏଦୀଙ୍କ ଦବଙ୍ଗଗିରି । ୱାର୍ଡରଙ୍କୁ ଆକ୍ରମଣ କରି ଖସିଗଲେ ଦୁଇ ଜଣ କଏଦୀ । ହାତୁଡ଼ିରେ ସେମାନେ ଜେଲର ମୁଖ୍ୟ ୱାର୍ଡରଙ୍କୁ ଲହୁଲୁହାଣ କରି ଚମ୍ପଟ ମାରିଛନ୍ତି । ଦୁଇ ବିଚାରାଧୀନ କଏଦଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ୱାର୍ଡର ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଆନ୍ଧ୍ର ପ୍ରଦେଶର ଚୋଡାବରମ ସବ ଜେଲରୁ ଏପରି ଖବର ଆସିଛି । ପୂରା ଘଟଣା ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ବେଳେ ଘଟିଛି । ପେନସନ ପାଣ୍ଠିର ହେରଫେର ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ପୂର୍ବତନ ପଞ୍ଚାୟତ ସଚିବ ନାକ୍କା ରବି କୁମାର ହଠାତ ମୁଖ୍ୟ ୱାର୍ଡର ବାସା ବୀରରାଜୁଙ୍କୁ ଆକ୍ରମଣ କରିଥିଲେ । ବୀରରାଜୁ ଜେଲର ରୋଷେଇ ଘରେ ଥିବା ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ରବିକୁମାର ୱାର୍ଡରଙ୍କୁ




ହାତୁଡ଼ିରେ ମାଡ଼ ମାରିଥିଲେ ଓ ତାଙ୍କ ଠାରୁ ଚାବି ଛଡ଼ାଇ ନେଇ ସେଠାରୁ ଚମ୍ପଟ ମାରିଥିଲେ । ଏସବୁ ଭିତରେ ଚୋରି ମାମଲାରେ ଗିରଫ ହୋଇଥିବା ବେଜାୱାଡା ରାମୁ ମଧ୍ୟ ରୋଷେଇ ଘର ଭିତରେ ଆକ୍ରମଣରେ ରବିକୁମାରଙ୍କୁ ସହଯୋଗ କରିଥିଲେ । ଉଭୟ ରବିକୁମାର ଓ ରାମୁ ରୋଷେଇ ଘରେ ଜେଲ କର୍ମଚାରୀଙ୍କ ସହାୟତାରେ ନିୟୋଜିତ ହୋଇଥିଲେ । ଆକ୍ରମଣ ପରେ ସୃଷ୍ଟି ହୋଇଥିବା ଧାଁଦୌଡ଼ ମଧ୍ୟରେ ରବି କୁମାର ଓ ରାମୁ ଜେଲରୁ ଖସି ଯିବାକୁ ସକ୍ଷମ ହୋଇଥିଲେ । ଜେଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପୁଲିସ୍‌କୁ ଅବଗତ କରିବା ପରେ ବଡ଼ଧରଣର ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ପୁଲିସ୍ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିବା ବେଳେ ପଡ଼ୋଶୀ ଷ୍ଟେସନଗୁଡ଼ିକୁ ମଧ୍ୟ ଆଲର୍ଟ ଜାରି କରିଛି । ଏବେ ଉଭୟଙ୍କୁ ଧରିବା ପାଇଁ ପୁଲିସ୍ ଉଦ୍ୟମ ଜାରି ରଖିଛି ।

## ଭୂକମ୍ପରେ ପୁଣି ଦୋହଲିଲା ଆଫଗାନିସ୍ତାନ

**ଆଫଗାନିସ୍ତାନ :** ପୁଣି ଆଫଗାନିସ୍ତାନରେ ଭୂମିକମ୍ପ । ଗତରାତିରେ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ରହିଛି ୫.୦ । ତେବେ କ୍ଷୟକ୍ଷତି ସଂପର୍କରେ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଏହାରି ମଧ୍ୟରେ ସ୍ଥାନୀୟ ପ୍ରଶାସନ ବିପର୍ଯ୍ୟୟ ଟିମକୁ ରିଲିଫ୍ କାର୍ଯ୍ୟ ପାଇଁ ସତର୍କ କରିଛି । ଆଫଗାନିସ୍ତାନରେ ଗତ ସପ୍ତାହରେ ଭୟଙ୍କର ଭୂମିକମ୍ପରେ ୨୨ଶହ ଲୋକଙ୍କ ମୃତ୍ୟୁ ପରେ ଚତୁର୍ଥ ଥର ପାଇଁ ପୁଣିଥରେ ଏହା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୬.୦ ରହିଥିଲା । ଏଥିରେ ଆଫଗାନର ପୂର୍ବାଞ୍ଚଳ ପ୍ରଦେଶରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ବହୁ ଗାଁ ନିଶ୍ଚିହ୍ନ ହୋଇଥିଲା । ଆଫଗାନିସ୍ତାନର ହିନ୍ଦୁକୁଶ ପର୍ବତମାଳା ଅଞ୍ଚଳରେ ଭାରତୀୟ ଓ ୟୁରେସୀୟ ଟେକ୍ଟୋନିକ ପ୍ଲେଟ୍



ଗୁଡ଼ିକର ଚଳନ ଭୂମିକମ୍ପ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ । ଅଳ୍ପ ଗଭୀରତାରେ ହେଉଥିବା ଏହି ଭୂମିକମ୍ପଗୁଡ଼ିକ ଅଧିକ କ୍ଷୟକ୍ଷତି ଘଟାଇଥାଏ । କୁନାର ଓ ନାଙ୍ଗାରହାରରେ ଅଧିକାଂଶ ଘର ମାଟି ଓ ଇଟାରେ ନିର୍ମିତ, ଯାହା ଭୂମିକମ୍ପରେ ସହଜରେ ଧ୍ୱଂସ ହୋଇଯାଏ । ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ଜାତିସଂଘ ଓ ଅନ୍ୟ ଆନ୍ତର୍ଜାତୀୟ ସଂସ୍ଥା ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ଭାରତ, ଇରାନ, ଜାପାନ ଓ ୟୁରୋପୀୟ ସଂଘ ତୁରନ୍ତ ସାହାଯ୍ୟ ପ୍ରଦାନ କରିଛନ୍ତି । ଭୂକମ୍ପ ପ୍ରବଣ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଗତରାତିରେ ପୁଣି ଭୂମିକମ୍ପ ଅନୁଭୂତ ହୋଇଛି ।

## ମୁମ୍ବାଇରେ ଆତଙ୍କୀ ଆକ୍ରମଣ ବିଫଳ, ୪୦୦ କିଲୋ ଆରଡିଏକ୍ସ ଆଣିଥିବା ଅଭିଯୁକ୍ତ ଗିରଫ



**ମୁମ୍ବାଇ:** ଗଣେଶ ଭସାଣୀ ବେଳେ ମୁମ୍ବାଇର ବିଭିନ୍ନ ସ୍ଥାନରେ ସିରିଜ ବିସ୍ଫୋରଣର ଧମକ ମିଳିବା ଘଟଣାରେ ପୁଲିସ୍ ଉତ୍ତର ପ୍ରଦେଶର ନୋଏଡାରେ ରହୁଥିବା ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରିଛି । ଆଜି ମୁମ୍ବାଇରେ ଗଣେଶ ଭସାଣୀ ହେଉଥିବା ବେଳେ ଗୁରୁବାର କଣ୍ଟ୍ରୋଲ ରୁମର ହ୍ୱାଟଆପକୁ ଧମକପୂର୍ଣ୍ଣ ମେସେଜ ଆସିଥିଲା । ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ମୁମ୍ବାଇ ପୁଲିସ୍ ୫୦ ବର୍ଷୀୟ ଅଶ୍ୱିନୀ କୁମାର ସୁପ୍ରାଙ୍କୁ ଗିରଫ କରିଛି । ତାଙ୍କ ମୂଳ ଘର ବିହାରରେ ଓ ସେ ୫ ବର୍ଷ ହେଲା ନୋଏଡାରେ ରହୁଥିଲେ । ଘଟଣାର ଅଧିକ ତଦନ୍ତ ପାଇଁ ପୁଲିସ୍ ତାଙ୍କୁ ମୁମ୍ବାଇ ଆଣି ଜେରା କରୁଛି । ଧମକପୂର୍ଣ୍ଣ ମେସେଜ ପରେ ମୁମ୍ବାଇ ପୁଲିସ୍ ତଦନ୍ତରେ ସହଯୋଗ କରିବାକୁ ନୋଏଡା ପୁଲିସ୍ ସହ ଯୋଗାଯୋଗ କରିଥିଲା । ନୋଏଡା ପୁଲିସ୍ ମୁଖ୍ୟ ଲକ୍ଷ୍ମୀ ସିଂହ ସ୍ୱତନ୍ତ୍ର ଟିମ ଗଠନ କରି ଅଭିଯୁକ୍ତ ଅଶ୍ୱିନୀ କୁମାରଙ୍କୁ ଗିରଫ କରିଛନ୍ତି । ଅଶ୍ୱିନୀ ନୋଏଡାର ସେକ୍ଟର ୧୧୩ ପୁଲିସ୍ ଷ୍ଟେସନ ଅଞ୍ଚଳରେ ରହୁଥିଲେ । ତାଙ୍କ ସ୍ୱାଟ ଟିମ ଗିରଫ କରି ମୁମ୍ବାଇ ପୁଲିସ୍‌କୁ ହସ୍ତାନ୍ତର କରିଛି । ଯେଉଁ ମୋବାଇଲ ଫୋନ ଓ ସିମରୁ ମୁମ୍ବାଇ ପୁଲିସ୍ କଣ୍ଟ୍ରୋଲ ରୁମକୁ ଧମକପୂର୍ଣ୍ଣ ମେସେଜ ପଠାଯାଇଥିଲା, ତା'କୁ ମଧ୍ୟ ଜବତ କରାଯାଇଛି । ମୁମ୍ବାଇ ଟ୍ରାଫିକ ପୁଲିସ୍‌ର ହ୍ୱାଟସଆପ ନମ୍ବରକୁ ଧମକପୂର୍ଣ୍ଣ ମେସେଜ ପଠାଯାଇଥିଲା । ମୁମ୍ବାଇର ବିଶ୍ୱ ପ୍ରସିଦ୍ଧ ଗଣେଶ ପୂଜା ଭସାଣ ବେଳେ ହମଲା ହେବ । ଏଥିପାଇଁ ୩୪ଟି ଗାଡ଼ିରେ ଖଞ୍ଜା ଯାଇଛି ମାନବ ବୋମା । ସେହିପରି ହମଲା ପାଇଁ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ମଧ୍ୟ ଭାରତରେ ପ୍ରବେଶ କରିଛନ୍ତି । ୪୦୦ କେଜି ଆରଡିଏକ୍ସ ଦ୍ୱାରା ହମଲା କରି ପୂରା ମୁମ୍ବାଇକୁ ଦୋହଲାଇ ଦିଆଯିବ ବୋଲି ଧମକ ମିଳିଥିଲା । ଧମକ ଦେଇଥିବା ସଂଗଠନ ନିଜକୁ ଲସ୍କର-ଇ-ଜେହାଦୀ ବୋଲି କହିଛି । ସଂଗଠନ ଦାବି କରିଛି ଯେ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ହମଲା ପାଇଁ ଭାରତରେ ପ୍ରବେଶ କରିଛନ୍ତି । ହମଲାରେ ମୋଟ ୪୦୦ କେଜି ଆରଡିଏକ୍ସ ବିସ୍ଫୋରକ ବ୍ୟବହାର ହେବ । ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିବା ସଂଗଠନ ପକ୍ଷରୁ ଧମକ ଦିଆଯାଇଥିଲା । ଏଥିରେ ଆହୁରି କୁହାଯାଇଥିଲା ଯେ ୪୦୦ କେଜି ଆରଡିଏକ୍ସ ବିସ୍ଫୋରଣରେ ୧ କୋଟି ଲୋକଙ୍କ ଜୀବନ ଯିବ । ଧମକ ମିଳିବା ପରେ ପୂରା ସହରରେ ହାଇ ଆଲର୍ଟ ଜାରି କରାଯାଇଥିଲା ।

## ଅସ୍ତ୍ରବିରତି ପରେ ବି କିଛି ଦିନ ଚାଲିଥିଲା ଅପରେସନ୍ ସିନ୍ଦୂର : ସ୍ଥଳସେନା ମୁଖ୍ୟ ଜେନେରାଲ

**ନୂଆଦିଲ୍ଲୀ :** ମେ' ୧୦ ତାରିଖରେ ଅସ୍ତ୍ରବିରତି ଘୋଷଣା ସହ ଅପରେସନ୍ ସିନ୍ଦୂର ଶେଷ ହୋଇନଥିଲା । କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଅସ୍ତ୍ରବିରତି ଘୋଷଣା ପରେ ମଧ୍ୟ କିଛିଦିନ ପର୍ଯ୍ୟନ୍ତ ଅପରେସନ୍ ସିନ୍ଦୂର ଚାଲିଥିଲା । ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହି ଖୁଲାସା କରିଛନ୍ତି । ତେବେ ଏହାଠାରୁ ଅଧିକ କିଛି କହିପାରିବେ ନାହିଁ ବୋଲି ସେ କହିଥିଲେ । ଅପରେସନ ସିନ୍ଦୂର ପୁସ୍ତକ ଉନ୍ମୋଚନ ଉତ୍ସବରେ ଜେନେରାଲ ଦ୍ୱିବେଦୀ ଯୋଗ ଦେଇଥିଲେ । ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଅପରେସନ ସିନ୍ଦୂରରେ ପାକିସ୍ତାନରେ ବହୁ ଆତଙ୍କୀ ଶିବିର ଧ୍ୱଂସ କରିଥିଲା ଭାରତ । ଏହି ସମୟରେ ଭାରତୀୟ ସାମରିକ ଘାଟି ଉପରେ ପାକିସ୍ତାନର ଆକ୍ରମଣକୁ ବିଫଳ କରାଯାଇଥିଲା ।

# ମାତିଛନ୍ତି 'ଉଲଗ୍ନ ଗ୍ୟାଙ୍ଗ' : ଆତଙ୍କରେ ମହିଳା

**ଉତ୍ତର ପ୍ରଦେଶ:** ପୂରା ଉଲଗ୍ନ ହୋଇ ଆସୁଛନ୍ତି । ଏକାକୀ ଯାଉଥିବା ମହିଳାଙ୍କୁ ଘୋଷାଡ଼ି ନେଇ ନିଛାଟିଆ ସ୍ଥାନକୁ ଚାଲି ଯାଉଛନ୍ତି । ସେମାନଙ୍କ ସହ ଖରାବ ବ୍ୟବହାର କରୁଛନ୍ତି । ଉତ୍ତର ପ୍ରଦେଶର ମୀରଟରେ ଏବେ ଏପରି ଏକ ଉଲଗ୍ନ ଗ୍ୟାଙ୍ଗର ଆତଙ୍କ ଦେଖାଯାଇଛି । କିଛି ଦିନ ମଧ୍ୟରେ ଏପରି ୪ଟି ଘଟଣା ଘଟିବାରୁ ପୂରା ଅଞ୍ଚଳରେ ଉଲଗ୍ନ ଗ୍ୟାଙ୍ଗର ଆତଙ୍କ ଦେଖିବାକୁ ମିଳିଛି । ବିଶେଷ କରି ଦୌରାଲାରେ ରହୁଥିବା ମହିଳାମାନେ ଉଲଗ୍ନ ଗ୍ୟାଙ୍ଗ ଯୋଗୁ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ପୁଲିସ୍ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି । ତଥାପି କୌଣସି ସନ୍ଦିଗ୍ଧ ଏଯାଏ ଧରାପଡ଼ି ନାହାନ୍ତି । ପୂରା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଡ୍ରୋନର ବ୍ୟବହାର କରାଯାଉଛି । ନିକଟରେ ଘଟିଥିବା ଗୋଟିଏ ଘଟଣା ପରେ ପୂରା ମାମଲା ସାମ୍ନାକୁ ଆସିଛି । ବାରାଲା ଗାଁରେ ଜଣେ ମହିଳା କାମକୁ ଯାଉଥିବା ବେଳେ ୨ ଜଣ ବ୍ୟକ୍ତି ତାଙ୍କୁ ହଠାତ୍ ସ୍ଥାନୀୟ ପଡ଼ିଆକୁ ଟାଣି ନେବାକୁ



ଚେଷ୍ଟା କରିଥିଲେ । ତେବେ ମହିଳା ଜଣଙ୍କ ଚିତ୍କାର କରିବା ସହ ସେମାନଙ୍କ ପଞ୍ଝାରୁ ଖସି ଆସିବାକୁ ସକ୍ଷମ ହୋଇଥିଲେ । ଚିତ୍କାର ଶୁଣି ଗାଁ ଲୋକମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ପୂରା ପଡ଼ିଆକୁ ଚାରିପଟୁ ଘେରି ଯାଇଥିଲେ । ହେଲେ କୌଣସି ବ୍ୟକ୍ତିଙ୍କ ପତ୍ତା ମିଳି ନଥିଲା । ଅଭିଯୁକ୍ତମାନେ କେମିତି ଦେଖାଯାଉଥିଲେ ବୋଲି ପରିବାର ଲୋକ ପଚାରିବାରୁ ମହିଳା ଜଣଙ୍କ କହିଥିଲେ ଯେ ତାଙ୍କୁ ନିକଟସ୍ଥ ପଡ଼ିଆକୁ ଘୋଷାଡ଼ି ନେଉଥିବା ୨ ବ୍ୟକ୍ତି କୌଣସି ପୋଷାକ ପିନ୍ଧି ନଥିଲେ । ଉଭୟ ସଂପୂର୍ଣ୍ଣ ଭାବେ ଉଲଗ୍ନ ଅବସ୍ଥାରେ ଥିଲେ । ଘଟଣା ପରେ ମହିଳା ଜଣଙ୍କ ପୂରା ଡରି ଯାଇଛନ୍ତି । ସେ ଅଲଗା ରାସ୍ତାରେ ନିଜ କାମକୁ ଯାଉଥିବା ତାଙ୍କ ସ୍ୱାମୀ ସୂଚନା ଦେଇଛନ୍ତି । ଗାଁ ଲୋକଙ୍କ କହିବା କଥା ଯେ ୪ର୍ଥ ଥର ପାଇଁ ଏପରି ଘଟଣା ଘଟିଛି । ଲୋକଲଜ୍ଜାରୁ ପୂର୍ବ ଘଟଣାଗୁଡ଼ିକ ସମ୍ପର୍କରେ କାହାକୁ କିଛି ଗାଁ ଲୋକ କହି ନଥିଲେ । କିନ୍ତୁ ଏବେ ଘଟଣା ସାଂଘାତିକ ରୂପ ନେଉଥିବାରୁ ପୁଲିସ୍‌ର ହସ୍ତକ୍ଷେପ ଆବଶ୍ୟକ ବୋଲି ସେମାନେ କହିଛନ୍ତି । ପୂର୍ବରୁ ମଧ୍ୟ ସମାନ ଘଟଣା ଘଟିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି । ଗାଁର ମୁଖିଆ ରାଜେନ୍ଦ୍ର କୁମାର କହିଛନ୍ତି, "ଗାଁ ଲୋକମାନେ ପ୍ରଥମେ ଘଟଣାକୁ ଗୁରୁତ୍ୱର ସହ ନେଉ ନଥିଲେ । କିନ୍ତୁ ଏବେ ପୂରା ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ଗ୍ୟାଙ୍ଗ ବର୍ତ୍ତମାନ ସୁଦ୍ଧା କେବଳ ମହିଳାମାନଙ୍କୁ ହିଁ ଟାର୍ଗେଟ କରୁଛନ୍ତି ।" ପୁଲିସ୍ ଅଭିଯୋଗ ପାଇବା ପରେ ବିଭିନ୍ନ ପଡ଼ିଆ ଓ କ୍ଷେତରେ ଯାଞ୍ଚ କରିଛି । ଡ୍ରୋନ ଦ୍ୱାରା ବେଶ କିଛି ଘଣ୍ଟା ଧରି ପୂରା ଅଞ୍ଚଳକୁ ଛାଡ଼ଭିନ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳରେ ସିସିଟିଭି ମଧ୍ୟ ଲଗାଯାଇଛି । ବରିଷ୍ଠ ଏସ୍ ?ପି ବିପିନ ତାଡା କହିଛନ୍ତି, "ଆମେ ଡ୍ରୋନ ଓ ଗାଁ ଲୋକଙ୍କ ସହାୟତାରେ ବିଭିନ୍ନ ଅଞ୍ଚଳରେ ଛାନଭିନ କରିଛୁ । କିନ୍ତୁ ଏଯାଏ କୌଣସି ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇ ନାହିଁ । ସ୍ଥାନୀୟ ଅଞ୍ଚଳରେ ମହିଳା ପୁଲିସ୍ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଚାଲିଛି ।" ଉଲଗ୍ନ ଗ୍ୟାଙ୍ଗର ଆତଙ୍କ ଯୋଗୁ ଗାଁର ଅଧିକାଂଶ ପରିବାରର ମହିଳା ଘରୁ ବାହାରୁ ନାହାନ୍ତି । ସେମାନେ ବାହାରକୁ ଗଲା ବେଳେ ପୁରୁଷ ଲୋକଙ୍କୁ ସାଙ୍ଗରେ ଧରି ଯାଉଛନ୍ତି ।

# ହକି ଏସିଆ କପରେ ଚୀନକୁ ହରାଇ ଫାଇନାଲରେ ପହଞ୍ଚିଲା ଭାରତ



ନୂଆଦିଲ୍ଲୀ,୬।୯(ଏଜେନ୍ସି) ଭାରତ ୯ମ ଥର ପାଇଁ ହକି ଏସିଆ। କପର ଫାଇନାଲରେ ପ୍ରବେଶ କରିଛି। ରବିବାର ଟାଇଟଲ୍ ମ୍ୟାଚ୍‌ରେ ୫ ଥର ଚାମ୍ପିଅନ୍ ଦକ୍ଷିଣ କୋରିଆ। ସହ ଭାରତ ମୁହାଁମୁହିଁ ହେବ। ଆ।ଜି ଟିମ୍ ଇଣ୍ଡିଆ। ସୁପର-୪ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଚୀନ୍‌କୁ ୭-୦ରେ ପରାସ୍ତ କରିଥିଲା ଭାରତ ପକ୍ଷରୁ ଅଭିଷେକ ୨ଟି ଗୋଲ ସ୍କୋର କରିଥିଲେ। ଦିଲପ୍ରୀତ ସିଂହ, ମନଦୀପ ସିଂହ, ଶିଳାନନ୍ଦ ଲାକ୍ରା, ସୁଖଜିତ ସିଂହ ଏବଂ ରାଜକୁମାର ପାଲ ମଧ୍ୟ ୧-୧ ଗୋଲ କରିଥିଲେ ଦଳ ହାଫ୍ ଟାଇମ୍ ସୁଦ୍ଧା ୩-୦ରେ ଅ।ଗୁଆ। ଥିଲା ତାପରେ ଶେଷ ହାଫ୍‌ରେ ଅ।ଉ ୪ ଗୋଲ୍ ସ୍କୋର କରି ୭-୦ରେ ବିଜୟ ହାସଲ କରିଥିଲା।

ଶନିବାର ସୁପର-୪ ପର୍ଯ୍ୟାୟରେ ଦକ୍ଷିଣ କୋରିଆ। ମାଲେସିଆ।କୁ ୪-୩ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ସୁପର-୪ ପର୍ଯ୍ୟାୟରେ ୨-୨ ମ୍ୟାଚରେ ପରାସ୍ତ ହୋଇ ମାଲେସିଆ। ଏବଂ ଚୀନ୍ ବାଦ୍ ପଡ଼ିଥିଲେ ଭାରତ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିଛି, ଯେତେବେଳେ ଦକ୍ଷିଣ କୋରିଆ। ପୁଲ୍ ଏବଂ ସୁପର-୪ ପର୍ଯ୍ୟାୟରେ ୨ଟି ମ୍ୟାଚ ହାରିଛି ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ସୁପର-୪ ପର୍ଯ୍ୟାୟ ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ଦକ୍ଷିଣ କୋରିଆ। ମଧ୍ୟ ଶେଷ ଦୁଇ ଥର ଚାମ୍ପିଅନ୍, ଦଳ ୨୦୨୨ରେ ମାଲେସିଆ।କୁ ଏବଂ ୨୦୧୭ରେ ଭାରତକୁ ଫାଇନାଲରେ ପରାସ୍ତ କରି ଟାଇଟଲ ଜିତିଥିଲା ଭାରତ ଚତୁର୍ଥ ଥର ପାଇଁ ଏସିଆ। କପ୍ ଜିତିବାର ସୁଯୋଗ ରହିଛି।

## ଇରଫାନ ପଠାନ ବାଛିଲେ ଭାରତର ପ୍ଲେଇଂ ଇଲେଭେନ

ମୁମ୍ବାଇ,୬।୯(ଏଜେନସି): ୨୦୨୫ଏସିଆ। କପର ଆ।ରମ୍ଭ ହେବାକୁ ଏବେ କେବଳ ୩ଦିନ ବାକି ରହିଛି ଏସିଆ। କ୍ରିକେଟର ଏହି ମହାକୁମ୍ଭ ୯ ସେପ୍ଟେମ୍ବରରୁ ୨୮ସେପ୍ଟେମ୍ବର ମଧ୍ୟରେ ଆବୁଧାବି ଏବଂ ଦୁବାଇରେ ଖେଳାଯିବ ଏଥର ଏସିଆ। କପରେ ପ୍ରାୟ ୮ଟିମ୍ ଭାଗ ନେଉଛନ୍ତି ଯାହାଙ୍କୁ ଦୁଇଟି ଗ୍ରୁପରେ ବ□।ଯାଇଛି । ୨୦୨୫ଏସିଆ। କପରେ ପ୍ରଥମ ମ୍ୟାଚ୍ ଅ।ଫଗାନିସ୍ତାନ ଏବଂ ହଂକଂ ମଧ୍ୟରେ ଖେଳାଯିବ ସେହିଭଳି ଟିମ୍ ଇଣ୍ଡିଆ। ନିଜର ପ୍ରଥମ ମ୍ୟାଚ୍ ୧୦ସେପ୍ଟମ୍ବରରେ ୟୁଏଇ ବିପକ୍ଷରେ ଖେଳିବ ଏହା ମଧ୍ୟରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଇରଫାନ ପଠାନ ଏସିଆ। କପ୍ ଲାଗି ଭାରତର ପ୍ଲେଇଂ ଇଲେଭେନ ଚୟନ କରିଛନ୍ତି। ଏସିଆ। କପ୍ ଲାଗି ଇରଫାନ ପଠାନ ଚୟନ କରିଥିବା ଭାରତର ପ୍ଲେଇଂ ଇଲେଭେନ : ଅଭିଷେକ ଶର୍ମା, ଶୁଭମନ ଗିଲ୍, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ସଞ୍ଜୁ ସାମସନ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତି, ଜସପ୍ରୀତ ବୁମରାହ ଏବଂ ଅର୍ଶଦୀପ ସିଂହ।

# ଅଧିନାୟକ ହେଲେ ଶ୍ରେୟସ

## ଅଷ୍ଟ୍ରେଲିଆ ବିରୋଧରେ ସମ୍ଭାଳିବେ ଦାୟିତ୍ୱ

ନୂଆଦିଲ୍ଲୀ,୬।୯(ଏଜେନସି): ଶ୍ରେୟସ ଆୟରଙ୍କୁ ନେଇ ଆସିଛି ବଡ ଖବର । ବିସିସିଆଇ ପକ୍ଷରୁ ଆୟରଙ୍କୁ ବଡ ଦାୟିତ୍ୱ ଦିଆଯାଇଛି । ବିସିସିଆଇର ବରିଷ୍ଠ ପୁରୁଷ ଚୟନକର୍ତ୍ତା ଅଷ୍ଟ୍ରେଲିଆ ଏ ବିପକ୍ଷରେ ଖେଳା ଯିବାକୁ ଥିବା ବହୁ ଦିବସୀୟ ମ୍ୟାଚ୍ ପାଇଁ ଇଣ୍ଡିଆ ଏ ଦଳ ଘୋଷଣା କରିଛି । ଦଳର ଅଧିନାୟକ ଦାୟିତ୍ୱ ଅନୁଭବୀ ଶ୍ରେୟସ ଆୟରଙ୍କୁ ଦିଆଯାଇଛି।



ପ୍ରଥମ ମ୍ୟାଚ୍ ପରେ ଦଳରେ କେଏଲ ରାହୁଲ ଓ ମହମ୍ମଦ ସିରାଜ ସାମିଲ ହେବେ । ଉଭୟ ଖେଳାଳିଙ୍କୁ ଦଳରେ ସାମିଲ କରିବା ପାଇଁ ସ୍କ୍ୱାର୍ଡରୁ ଦୁଇ ଖେଳାଳିଙ୍କୁ ପରେ ବାଦ୍ ଦିଆଯିବ । ଏହି ସିରିଜ୍ ସେପ୍‌ଟେମ୍ବର ୧୬ରୁ ଆରମ୍ଭ ହେବ । ଦ୍ୱିତୀୟ ମ୍ୟାଚ୍ ସେପ୍‌ଟେମ୍ବର ୨୩ରେ ଖେଳାଯିବ । ଏହି ସିରିଜ ଭାରତୀୟ ଖେଳାଳିଙ୍କ ପାଇଁ ବେଶ ଗୁରୁତ୍ୱ ବହନ କରୁଛି । କାରଣ ଟେଷ୍ଟ ସ୍ତରରେ ନିଜର କ୍ଷମତା ପ୍ରମାଣିତ କରିବା ପାଇଁ ଖେଳାଳିଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ।

ଏସିଆ କପ୍ ୨୦୨୫ ଭାରତୀୟ ଦଳରେ ଶ୍ରେୟସ ଆୟରଙ୍କ ଚୟନ ନ ହେବା ନେଇ ଏବେ ବି ଚର୍ଚ୍ଚା ଚାଲିଛି । ତାହା ମଧ୍ୟରେ ଆୟରଙ୍କୁ ଭାରତୀୟ ଏ ଦଳର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି । ଦଳରେ ଅନେକ ତାରକା ଖେଳାଳିଙ୍କୁ ସ୍ଥାନ ମିଳିଛି ।

ଅଷ୍ଟ୍ରେଲିଆ ଏ ବିପକ୍ଷରେ ଇଣ୍ଡିଆ ଏର ସ୍କ୍ୱାର୍ଡ- ଶ୍ରେୟସ ଆୟର(ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ ଜଗଦୀଶନ(ୱିକେଟ୍ କିପର), ସାଇ ସୁଦର୍ଶନ, ଧ୍ରୁବ ଜୁରେଲ(ଉପ ଅଧିନାୟକ ଓ ୱିକେଟ୍ କିପର ), ଦେବଦତ୍ତ ପାଡ଼ିକଲ, ହର୍ଷ ଦୁବେ, ଆୟୁଷ ବାଦୋନୀ, ନିତୀଶ କୁମାର ରେଡ୍ଡୀ, ତନୁଷ କୋଟିୟାନ, ପ୍ରସିଦ୍ଧ କୃଷ୍ଣ, ଗୁର୍ନୁର ବରାଡ, ଖଲିଲ ଅହମ୍ମଦ, ମାନବ ସୁଥାର, ଯଶ ଠାକୁର ।

# ନିଲାମ ପାଇଁ ଚୟନ ହେଲେ ନାହିଁ ଜଣେ ବି ଭାରତୀୟ ଖେଳାଳି

ନୂଆଦିଲ୍ଲୀ,୬।୯ଏଜେନସି): ସାଉଥ ଆଫ୍ରିକା-୨୦ ଲିଗର ନିଲାମ ୯ ସେପ୍‌ଟେମ୍ବରରେ ହେବାକୁ ଯାଉଛି। ଏଥିପାଇଁ ୧୩ ଜଣ ଭାରତୀୟ ଖେଳାଳି ମଧ୍ୟ ପଞ୍ଜୀକରଣ କରିଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ କୌଣସି ଜଣେ ବି ଖେଳାଳିଙ୍କୁ ନିଲାମ ପାଇଁ ଚୟନ କରାଯାଇନାହିଁ । ପ୍ରକୃତରେ, ପୀୟୁଷ ଚାୱଲାଙ୍କ ସମେତ ସମସ୍ତ ଭାରତୀୟ କ୍ରିକେଟର ନିଲାମର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇନାହାଁନ୍ତି। ତାଲିକାରେ କୌଣସି ଭାରତୀୟଙ୍କ ଅନୁପସ୍ଥିତି ଏକ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଖବର, ବିଶେଷକରି ଯେତେବେଳେ ଏହି ବର୍ଷ ଦିନେଶ କାର୍ତ୍ତିକ ପର୍ଲ ରୟାଲ୍ସ ପାଇଁ ଖେଳୁଥିବା ଦେଖାଯାଇଥିଲା।

ସାଉଥ ଆଫ୍ରିକା-୨୦ ଲିଗର କମିଶନର ଏବଂ ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଗ୍ରୀମ ସ୍ମିଥ ଏହି ବିଷୟରେ କହିଛନ୍ତି, 'ଭାରତୀୟ କ୍ରିକେଟରଙ୍କ ପରିସ୍ଥିତି ସର୍ବଦା ଅସ୍ଥିର ରହିଥାଏ। ଏହା କିଏ ଅବସର ନେଉଛନ୍ତି ଏବଂ କିଏ ଉପଲବ୍ଧ ହେବେ ତାହା ଉପରେ ନିର୍ଭର କରେ। ମୁଁ ଭାବୁଛି ୧୩-୧୪ ଜଣ ଖେଳାଳି ନିଲାମ ପାଇଁ ସେମାନଙ୍କର ନାମ ଦେଇଥିଲେ। ଆମେ କେବଳ ଏତିକି କରୁ ଯେ ଆମେ ନିଲାମ ପାଇଁ ନାମାଙ୍କନ ଦାଖଲ କରିଥିବା ଖେଳାଳିଙ୍କ ତାଲିକା ସେହି ଦଳଗୁଡ଼ିକୁ ପଠାଇଥାଉ, ଯେଉଁମାନଙ୍କ ପାଖରେ ପ୍ରାୟ ୮୦୦ ନାମ ଥିଲା। ଦଳଗୁଡ଼ିକ ସେମାନଙ୍କ ପସନ୍ଦ ଅନୁସାରେ ଖେଳାଳିମାନଙ୍କୁ ଚୟନ କରି ଏକ ନୂତନ ତାଲିକା ତିଆରି କରନ୍ତି।

ସଂକ୍ଷିପ୍ତ ତାଲିକାରେ ଥିବା ଖେଳାଳିଙ୍କ ନାମ ନିଲାମରେ ଡକାଯାଏ।' ସାଉଥ ଆଫ୍ରିକା-୨୦ ଲିଗ୍ ନିଲାମ ପାଇଁ ମୋଟ ୧୩ ଜଣ ଭାରତୀୟ କ୍ରିକେଟର ସେମାନଙ୍କର ନାମ ଦେଇଥିଲେ। ସେମାନଙ୍କ ନାମ ଥିଲା ପୀୟୁଷ ଚାୱଲା, ସିଦ୍ଧାର୍ଥ କୌଲ, ଅଙ୍କିତ ରାଜପୁତ, ସାରୁଲ କନୱାର, ଅନୁରିତ ସିଂହ, ଅନସାରୀ ମାରୁଫ, ମହେଶ ଆହିର, ନିଖିଲ ଜାଗା, ମହମ୍ମଦ ଫୈଦ, କେଏସ ନବୀନ, ଇମ୍ରାନ ଖାନ, ଭେଙ୍କଟେଶ ଗଲିପେଲି ଏବଂ ଅତୁଲ ଯାଦବ। ନିଲାମ ୯ ସେପ୍‌ଟେମ୍ବରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯଦିଓ ସାଉଥ ଆଫ୍ରିକା-୨୦ ନିଲାମ ତାଲିକାରେ କୌଣସି ଭାରତୀୟ କ୍ରିକେଟରଙ୍କ ନାମ ସାମିଲ ନାହିଁ କିନ୍ତୁ ସୌରଭ ଗାଙ୍ଗୁଲିଙ୍କୁ ଆଗାମୀ ସିଜନରେ ପ୍ରଶିକ୍ଷକ ଭାବରେ ଦେଖାଯିବ। କିଛି ସପ୍ତାହ ପୂର୍ବରୁ, ଭାରତୀୟ କିମ୍ବଦନ୍ତୀ ସୌରଭ ଗାଙ୍ଗୁଲିଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରାଯାଇଥିଲା।

# ୨୭ ବର୍ଷ ପରେ ଇଂଲଣ୍ଡରେ ଶୃଙ୍ଖଳା ଜିତିଲା ଦ. ଆଫ୍ରିକା



ଲର୍ଡସ ୬।୯(ଏଜେନସି): ୨୭ ବର୍ଷ ପରେ ଇଂଲଣ୍ଡ ମାଟିରେ ଏକ ଦ୍ୱିପାକ୍ଷିକ ଦିନିକିଆ ଶୃଙ୍ଖଳା ଜିତି ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ଗୁରୁବାର ରାତିରେ ଲର୍ଡସରେ ଖେଳାଯାଇଥିବା ରୋମାଞ୍ଚକ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫ ରନ୍‌ରେ ବିଜୟ ସହ ତେମ୍ବା ବଭୂମାଙ୍କ ଦଳ ଏହି ପ୍ରତୀକ୍ଷିତ ସଫଳତା ଅର୍ଜନ କରିଛି। ଶେଷ ଥର ପାଇଁ ୧୯୯୮ରେ ଇଂଲଣ୍ଡରେ ଦକ୍ଷିଣ ଆଫ୍ରିକା ଏକ ଦିନିକିଆ ଶୃଙ୍ଖଳା ଜିତିଥିଲା। ଏହା ପରଠାରୁ ୪ ଥର ୨୦୦୮, ୨୦୧୨, ୨୦୧୭ ଓ ୨୦୨୨ରେ କିନ୍ତୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ୨୦୨୩ ଦିନିକିଆ ବିଶ୍ୱକପ୍ ? ପରଠାରୁ ସଂଘର୍ଷ କରୁଥିବା ଇଂଲଣ୍ଡ ଘରୋଇ ମାଟିରେ ବି ଏଭଳି ପରାଜୟ ବରଣ କରି ଚାପରେ ରହିଛି।

ଗୁରୁବାର ରାତିରେ ଲର୍ଡସରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୮ ୱିକେଟ୍ ହରାଇ ୩୩୦ ରନ୍ କରିଥିଲା। ମାଥ୍ୟୁ ବ୍ରିଜ୍ ?କେ (୮୫), ଟ୍ରିଷ୍ଟନ୍ ଷ୍ଟବ୍ସ (୫୮), ଐଡେନ ମାରକ୍ରମ (୪୯)ଙ୍କ ପାଳି ଦଳକୁ ଏହି ସ୍କୋର୍ ଦେଇଥିଲା। ଜୋଫ୍ରା ଆର୍‌ଚର୍ ୪ ଏବଂ ଆଦିଲ୍ ରସିଦ୍ ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜୋ ରୁଟ୍ ? (୬୧) ଓ ଜୋସ୍ ବଟଲର୍ (୬୧)ଙ୍କ ଅର୍ଦ୍ଧଶତକ ପାଳି ସ ?ତ୍ତ୍ୱେ ଇଂଲଣ୍ଡ ୩୨୫/୯ରେ ସୀମିତ ରହିଯାଇଥିଲା। ନାଣ୍ଡ୍ରେ ବର୍ଜର ୩ ଓ କେଶବ ମହାରାଜ ୨ ୱିକେଟ୍ ନେବା ନିର୍ଣ୍ଣାୟକ ହୋଇଥିଲା। ଏଥି ସହ ଭାରତ ନାମରେ ଥିବା ଲର୍ଡସ ପଶ୍ଚାତ୍‌ଧାବନ ରେକର୍ଡ ଅତୁଟ ରହିଥିଲା। ୨୦୦୨ ମସିହାରେ ୩୨୬/୮ ସ୍କୋର୍ କରି ଇଂଲଣ୍ଡକୁ ଭାରତ ରୋମାଞ୍ଚକ ଭାବେ ପରାସ୍ତ କରିବା ସହ ନ୍ୟାଟ୍‌ୱେଷ୍ଟ୍ ଟ୍ରଫି ଜିତିଥିଲା। ୨୫ ବର୍ଷ ପରେ ଦକ୍ଷିଣ ଆଫ୍ରିକା ମଧ୍ୟ ସବୁଠାରୁ ସ୍ୱଳ୍ପ ରନ୍ ବ୍ୟବଧାନ ବିଜୟ ପାଇଛି। ୨୦୦୦ରେ କେପ୍ ଟାଉନ୍‌ରେ ଇଂଲଣ୍ଡ୍‌କୁ ୧ ରନ୍ ?ରେ ହରାଇଥିଲା। ଚଳିତ ଶୃଙ୍ଖଳାରେ ଦକ୍ଷିଣ ଆଫ୍ରିକା ୨-୦ରେ ଆପରାଜେୟ ଅଗ୍ରଣୀ ନେବା ପରେ ରବିବାର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ? ଖେଳାଯିବ।

ଦିନିକିଆ କ୍ରିକେଟ୍‌କୁ ଆସିବା ପରଠାରୁ ସ୍ୱପ୍ନର ଯାତ୍ରାରେ ରହିଛନ୍ତି ଦକ୍ଷିଣ ଆଫ୍ରିକା ବ୍ୟାଟର୍ ମାଥ୍ୟୁ ବ୍ରିଜ୍‌ୱେକ। ନିଜ ପ୍ରଥମ ୫ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସେ ୫୦+ ସ୍କୋର୍ ? କରି ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ନିଜ ପ୍ରଥମ ୫ ପାଳିରେ ଯଥାକ୍ରମେ ୧୫୦, ୮୩, ୫୭, ୮୮, ୮୫ ରନ୍ କରିଛନ୍ତି। ପୂର୍ବରୁ ଏହି ବିଶ୍ୱ ରେକର୍ଡ ଭାରତର ନବଜୋତ ସିଂହ ସିଦ୍ଧୁ (୧୯୮୭ ବିଶ୍ୱକପ୍, ୪ ଥର ୫୦+ ସ୍କୋର)ଙ୍କ ନାମରେ ଥିଲା। ନିଜର ଏହି ଫର୍ମକୁ ନେଇ ବ୍ରିଜ୍ ?କେ ମଜାରେ କହିଛନ୍ତି 'ସ୍ୱତନ୍ତ୍ର ଆରମ୍ଭ'। ମାତ୍ର ୧୫ ରନ୍ ପାଇଁ ଗୁରୁବାର ରାତିରେ ଶତକ ହରାଇବା ସହ ଲର୍ଡସ ସମ୍ମାନରୁ ବଞ୍ଚିତ ହୋଇଥିଲେ ମଧ୍ୟ ଏହି ଚମତ୍କାର ଫର୍ମ ଜାରି ରଖ ?ବେ ବୋଲି ଆଶା ପ୍ରକଟ କରିଛନ୍ତି।

## ଜୋକୋଭିଚ୍‌ଙ୍କ ବିଜୟ ଧାରା ଅଟକାଇଲେ ଆଲକାରାଜ

ନୂଆଦିଲ୍ଲୀ୬।୯(ଏଜେନସି): ବିଶ୍ୱର ନମ୍ବର-୨ ଖେଳାଳି କାର୍ଲସ ଆଲକାରାଜ ବର୍ଷର ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ପୁରୁଷ ସିଙ୍ଗଲ୍ସର ସେମିଫାଇନାଲରେ ଅଭିଜ୍ଞ ନୋଭାକ ଜୋକୋଭିଚ୍‌ଙ୍କ ବିଜୟ ଧାରା ଅଟକାଇଛନ୍ତି। ୨୨ ବର୍ଷୀୟ ଆଲକାରାଜ ୩୮ ବର୍ଷୀୟ ଜୋକୋଭିଚ୍‌ଙ୍କୁ ସିଧାସଳଖ ୬-୪ ୭-୬ (୭-୪) ୬-୨ ସେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଦୁଇଟି ସେଟ୍‌ରେ, ସର୍ବିଆନ୍ ଖେଳାଳି ଜୋକୋଭିଚ୍‌ଙ୍କୁ ତାଙ୍କ ଅଭିଜ୍ଞତା ସହିତ ଯୁବ ଖେଳାଳିଙ୍କ ସହ ପ୍ରତିଯୋଗିତା ଏବଂ ଅସୁବିଧା କରୁଥିବା ଦେଖାଯାଇଥିଲା। କିନ୍ତୁ ତୃତୀୟ ସେଟ୍‌ରେ, ଥକ୍କାପଣ ଯୋଗୁଁ ସେ ଅଧିକ ଚ୍ୟାଲେଞ୍ଜ ଦେଇପାରି ନଥିଲେ। ଜୋକୋଭିଚ୍‌ଙ୍କ ଖେଳରେ ଥକ୍କାପର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଉଥିଲା, ଯାହାର ଫାଇଦା ଆଲକାରାଜ ନେଇଥିଲେ। ଫାଇନାଲରେ, ଆଲକାରାଜ ଇଟାଲୀର ୟାନିକ୍ ସିନର୍‌ଙ୍କ ସହ ମୁକାବିଲା କରିବେ, ଯିଏ ଦ୍ୱିତୀୟ ସେମିଫାଇନାଲରେ କାନାଡାର ଫେଲିକ୍ସ ଆଗର ଆଲିସାମିନ୍‌ଙ୍କୁ ପରାସ୍ତ କରିଥିଲେ।

# ସେମିରେ ଅଟକିଲେ ଭାମ୍ବ୍ରି



ନୂଆଦିଲ୍ଲୀ,୬।୯: ଭାରତୀୟ ଟେନିସ ଖେଳାଳି ୟୁକି ଭାମ୍ବ୍ରିଙ୍କ ପ୍ରଥମ ଗ୍ରାଣ୍ଡ୍ ସ୍ଲାମ୍ ଟ୍ରଫି ଜିତିବାର ସ୍ୱପ୍ନ ସେମିଫାଇନାଲ୍‌ରେ ଅଟକିଯାଇଛି। ପ୍ରଥମ ଥର ୟୁଏସ୍ ଓପନ୍ ସେମିଫାଇନାଲ୍‌ରେ ପହଞ୍ଚିଥିବା ଭାମ୍ବ୍ରି ଓ ତାଙ୍କ ନ୍ୟୁଜିଲାଣ୍ଡ ସାଥୀ ମାଇକେଲ ଭେନସ୍ ଟ୍ରଫି ଲଇ ପୂର୍ବରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଫ୍ଲସିଂ ମିଡୋଜ୍‌ରେ ଖେଳାଯାଇଥିବା ପୁରୁଷ ଯୁଗଳ ସେମିଫାଇନାଲ୍‌ରେ ଚତୁର୍ଦ୍ଦଶ ମାନ୍ୟତାପ୍ରାପ୍ତ ଏହି ଇଣ୍ଡୋ-କିୱି ଯୋଡି କଡା ସଂଘର୍ଷ କରି ୭-୬, ୬-୭, ୪-୬ ସେଟ୍‌ରେ ଷଷ୍ଠ ସିଡ୍ ବ୍ରିଟେନ୍‌ର ଜୋ ସାଲିସ୍‌ବୁରି ଓ ନିଲ୍ ସ୍କୁପସ୍କିଙ୍କଠୁ ହାରିଯାଇଥିଲେ। ଭାମ୍ବ୍ରି ଓ ଭେନସ୍ ପ୍ରଥମ ସେଟ୍‌କୁ ଟାଇବ୍ରେକର୍‌ରେଜ ଜିତିଥିଲେ। ଦ୍ୱିତୀୟ ସେଟ୍ ଟାଇବ୍ରେକର୍‌ରେ ହାରିଯିବାରୁ ସ୍ଥିତି ସମାନ ହୋଇଯାଇଥିଲା। ଶେଷ ଗେମ୍‌କୁ କିନ୍ତୁ ବ୍ରିଟିସ୍ ଯୋଡି ଜିତି ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ପୂରା ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ଇଣ୍ଡୋ-କିୱି ଯୋଡି ସିଧାସଳଖ ସେଟ୍‌ରେ ମାର୍କସ ଗିରନ ଓ ଲର୍ଣ୍ଣର ତିଏନ୍‌ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ଗୋଞ୍ଜାଲା ସ୍କାବର ଓ ମିଗୁଏଲ ଆଞ୍ଜେଲ ରେୟାଜ-ଭାରେଲାଙ୍କୁ, ଟିମ୍ ପୁଜ୍ ଓ କେଭିନ୍ କ୍ରାୱିଜ୍‌ଙ୍କୁ ଏବଂ ନିକୋଲା ମେକଟିମ୍ ଓ ରାଜୀବ ରାମଙ୍କୁ ପରାସ୍ତ କରି ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ।

# ଆମ ଉପରେ ପ୍ରତିବନ୍ଧକ ଲାଗିପାରେ...

## ଏସିଆ କପରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବିସିସିଆଇର ପ୍ରତିକ୍ରିୟା

ନୂଆଦିଲ୍ଲୀ,୬।୯(ଏଜେନସି): ଆମ ଉପରେ ପ୍ରତିବନ୍ଧକ ଲାଗିପାରେ। ଏସିଆ କପରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଏଭଳି କହିଛନ୍ତି ବିସିସିଆଇ ସଚିବ ଦେବଜିତ ସୌକିଆ। ସେ ସ୍ପଷ୍ଟ କରିଛନ୍ତି ଯେ, ଏସିଆ କପ୍ ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ଉପରେ କୌଣସି ପ୍ରତିବନ୍ଧକ ଲଗାଯିବ ନାହିଁ। କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ, ଟିମ୍ ଇଣ୍ଡିଆ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଦେଶ ସହିତ ଖେଳିବ। ବିସିସିଆଇ ମ୍ୟାଚ୍ ଖେଳିବାକୁ ମନା କରିବା ଦ୍ୱାରା ଆଇସିସି (ଆନ୍ତର୍ଜାତୀୟ କ୍ରିକେଟ ପରିଷଦ) କିମ୍ବା ଏସିସି(ଏସୀୟ କ୍ରିକେଟ ପରିଷଦ) ଦ୍ୱାରା ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରେ।



ଏସିଆ କପ୍ ?ରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେବା ନେଇ ଖବର ଆସିବା ପରେ ଦେଶରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲେ। ଲୋକେ ବିସିସିଆଇକୁ ଟ୍ରୋଲ କରିବା ସହ ଟଙ୍କା ପାଇଁ ବିସିସିଆଇ କିଛି ବି କରିପାରେ ବୋଲି କହିଥିଲେ। ଏନେଇ 'ବଏକଟବିସିସିଆଇ' ବି ଟ୍ରେଣ୍ଡ କରିଥିଲା। ଏହାକୁ ନଜରରେ ରଖି ବିସିସିଆଇ ସଚିବ ଦେବଜିତ ସେ ?କିଆ ସ୍ପଷ୍ଟୀକରଣ ଦେଇଛନ୍ତି।ସେ କହିଛନ୍ତି, 'ଭାରତ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ମୁକାବିଲା କରିପାରିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଟିମ୍ ଇଣ୍ଡିଆ କେବଳ ଦ୍ୱିପାକ୍ଷିକ ସିରିଜରେ ପାକିସ୍ତାନ ସହିତ ଖେଳିବ ନାହିଁ। କିନ୍ତୁ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାରେ କୌଣସି ପ୍ରକାରର ପ୍ରତିବନ୍ଧକ ନାହିଁ। କେନ୍ଦ୍ର ସରକାର ଦେଶର ହିତ ପାଇଁ ଯାହା ନିଷ୍ପତ୍ତି ନିଅନ୍ତି, ଆମକୁ ତାହା ପାଳନ କରିବାକୁ ପଡେ। କୌଣସି ଦେଶ ସହିତ ସମ୍ପର୍କ ଭଲ ନଥିଲେ ବି ସେ ଦେଶ ସହିତ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳାଯାଇପାରିବ ବୋଲି ସ୍ପଷ୍ଟ କରିଛନ୍ତି ସରକାର। ଏହା ସତ୍ତ୍ୱେ ଯଦି ଆମେ ଏବେ ପାକିସ୍ତାନ ସହ ଖେଳିବାକୁ ମନା କରିବୁ ତେବେ ଆମ ଉପରେ ଆଇସିସି (ଆନ୍ତର୍ଜାତୀୟ କ୍ରିକେଟ ପରିଷଦ) କିମ୍ବା ଏସିସି(ଏସୀୟ କ୍ରିକେଟ ପରିଷଦ) ପ୍ରତିବନ୍ଧକ ଲଗାଇପାରେ।'

# ଯୁବରାଜଙ୍କୁ ଡରୁଥିଲେ ଧୋନି: ଯୋଗରାଜ ସିଂହ

ନୂଆଦିଲ୍ଲୀ,୬।୯(ଏଜେନସି): ପୂର୍ବତନ ଟିମ୍ ଇଣ୍ଡିଆ ଷ୍ଟାର ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ ପୁଣି ଥରେ ନିଜ ବୟାନ ପାଇଁ ଚର୍ଚ୍ଚାରେ ଅଛନ୍ତି। କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ନେଇ ସେ ଅତୀତରେ ଅନେକ ବିବାଦୀୟ ବୟାନ ଦେଇସାରିଥିବା ବେଳେ ଏବେ ପୁଣି ଥରେ ସେ କ୍ରିକେଟରଙ୍କୁ ଟାର୍ଗେଟ କରିଛନ୍ତି। ଯୋଗରାଜ କହିଛନ୍ତି ଯେ, ସଚିନ ତେନ୍ଦୁଲକର କ୍ରିକେଟରେ ତାଙ୍କ ପୁଅ ଯୁବରାଜ ସିଂହଙ୍କ ପ୍ରକୃତ ବନ୍ଧୁ ଥିଲେ, ଯେତେବେଳେ ଯୁବରାଜ ସିଂହଙ୍କ ଯୋଗୁଁ ଅନ୍ୟ ଖେଳାଳିମାନେ ଦଳରେ ନିଜ ସ୍ଥାନ ହରାଇବା ନେଇ ଭୟ କରୁଥିଲେ।

ଏକ ସାକ୍ଷାତକାରରେ ଯୋଗରାଜ କହିଛନ୍ତି, 'ଯେପରି ମୁଁ ଆପଣଙ୍କୁ କହିଥିଲି, ସଫଳତା, ଟଙ୍କା ଏବଂ ପ୍ରସିଦ୍ଧିର ଯାତ୍ରାରେ ଆପଣଙ୍କର କେହି ବନ୍ଧୁ ନଥାନ୍ତି। ଏଠାରେ ଲୋକେ ସର୍ବଦା ପଛପଟେ ଛୁରୀ ଭୁଶିଥାନ୍ତି। କିଛି ଏପରି ଲୋକ ଥାନ୍ତି, ଯେଉଁମାନେ ଆପଣଙ୍କୁ ତଳେ ଠେଲି ଦେବାକୁ ଚାହାଁନ୍ତି। ଯୁବରାଜଙ୍କ କ୍ଷେତ୍ରରେ, ସାଥୀ ଖେଳାଳିମାନେ ତାଙ୍କୁ ଭୟ କରୁଥିଲେ। ସେମାନେ ଭୟ କରୁଥିଲେ ଯେ ଯୁବରାଜ ସେମାନଙ୍କ ସ୍ଥାନ ନେବେ, କାରଣ ମୋ ପୁଅ ଜଣେ ମହାନ ଖେଳାଳି ଥିଲା। ଏମଏସ ଧୋନିଙ୍କଠାରୁ ଆରମ୍ଭ କରି ଅନ୍ୟ ପ୍ରତ୍ୟେକ ଖେଳାଳିଙ୍କ ପର୍ଯ୍ୟନ୍ତ, ସମସ୍ତେ ଭାବୁଥିଲେ ଯେ 'ଓଃ, ସେ ମୋ ଚେୟାର ଛଡ଼ାଇ ନେବେ। ସମସ୍ତଙ୍କ ମନରେ ସେ ଡର ଥିଲା।'

ତେବେ, ଏହା ପ୍ରଥମ ଥର ନୁହେଁ ଯେତେବେଳେ ଯୋଗରାଜ, ଯୁବରାଜଙ୍କ ପୂର୍ବତନ ସାଥୀ ଖେଳାଳିଙ୍କ ଉପରେ ମନ୍ତବ୍ୟ ଦେଇଛନ୍ତି। ଯୋଗରାଜ ପୂର୍ବରୁ ଅନେକ ଥର କହିଛନ୍ତି ଯେ, ତାଙ୍କ ପୁଅକୁ ଅବସର ନେବାକୁ ବାଧ୍ୟ କରାଯାଇଥିଲା। ଦେଖିବାକୁ ଗଲେ ଯୁବରାଜଙ୍କ କ୍ୟାରିଅର ବହୁତ ପ୍ରଭାବଶାଳୀ ରହିଛି। ଯୁବରାଜ ୨୦୦୦ ରୁ ୨୦୧୭ ପର୍ଯ୍ୟନ୍ତ ଭାରତ ପାଇଁ ୪୦୨ ମ୍ୟାଚ୍ ଖେଳିଥିଲେ। ଏବଂ ଏହି ମ୍ୟାଚ୍ ଗୁଡ଼ିକରେ ସେ ୩୫.୦୫ ହାରରେ ୧୭ ଶତକ ଏବଂ ୭୧ ଅର୍ଦ୍ଧଶତକ ସହିତ ୧୧,୧୭୮ ରନ୍ କରିଥିଲେ।

# ସାବାଲେଙ୍କା-ଆନିସିମୋଭା ଫାଇନାଲ୍

ନ୍ୟୁୟର୍କ୬।୯(ଏଜେନସି): ଚଳିତ ୟୁଏସ୍ ଓପନ୍ ମହିଳା ଏକକ ଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଆରିନା ସାବାଲେଙ୍କା ଓ ୮ ନମ୍ବର ଆମନ୍ଦା ଆନିସିମୋଭା ମୁହାଁମୁହିଁ ହେବେ। ଶୁକ୍ରବାର ପ୍ରଥମ ସେମିଫାଇନାଲ୍‌ରେ ଗତ ସଂସ୍କରଣ ବିଜୟିନୀ ଏହି ବେଲାରୁଷ ସୁନ୍ଦରୀ ୪-୬, ୬-୩, ୬-୪ ସେଟ୍‌ରେ ବିଶ୍ୱର ୪ ନମ୍ବର ଆମେରିକୀୟ ମହିଳା ଜେସିକା ପେଗୁଲାଙ୍କୁ ମାତ୍ ଦେଇଥିଲେ। ଏହି ବିଜୟ ସହ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସାବାଲେଙ୍କା ଫ୍ଲସିଂ ମିଡୋଜ୍‌ରେ ଲଗାତାର ଟ୍ରଫିଠୁ ଗୋଟିଏ ବିଜୟ ଦୂରରେ ପହଞ୍ଚିଛନ୍ତି। ଯଦି ଫାଇନାଲ୍‌ରେ ଜିତନ୍ତି ତେବେ ସେ ସେରାନା ୱିଲିୟମ୍ସ (୨୦୧୨ରୁ ୨୦୧୪)ଙ୍କ ରେକର୍ଡର ନିକଟବର୍ତ୍ତୀ ହେବେ। ପୂର୍ବରୁ ସାବାଲେଙ୍କା ଦୁଇ ଅଷ୍ଟ୍ରେଲିଆ ଓପନ୍ (୨୦୨୩ ଓ ୨୦୨୪)ରେ ଜିତିଥିଲେ।

ଅନ୍ୟ ପକ୍ଷରେ ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଲକ୍ଷ୍ୟରେ ଥିବା ୱିମ୍ବଲଡନ୍ ଉପବିଜୟିନୀ ଆମେରିକାର ଆନିସିମୋଭା ୬-୭, ୭-୬, ୬-୩ ସେଟ୍‌ରେ ୪ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ଜାପାନର ନାଓମି ଓସାକାଙ୍କୁ ମାତ୍ ଦେଇଥିଲେ। ଏଠାରେ ୨୦୨୧ରେ ଟ୍ରଫି ଜିତିଥିବା ଓସାକା ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ। ହେଲେ ପରବର୍ତ୍ତୀ ଦୁଇ ସେଟ୍‌କୁ ଆନିସିମୋଭା ଜିତି ପ୍ରଥମ ଥର ୟୁଏସ୍ ଓପନ୍ ଟ୍ରଫି ଦୌଡରେ ସାମିଲ ହୋଇଥିଲେ। ଇଗା ସ୍ୱିଟେକଙ୍କୁ ସେମିଫାଇନାଲ୍‌ରେ ହରାଇ ୱିମ୍ବଲଡନ୍ ଫାଇନାଲ୍ ପ୍ରତିଶୋଧ ନେଇଥିବା ୨୪ ବର୍ଷୀୟା ଆନିସିମୋଭାଙ୍କ ଏହା ଲଗାତାର ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଫାଇନାଲ୍।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ